
ମାଡ଼ାମ୍ କ୍ୟୁରୀ

ନୋବେଲ ପ୍ରାଇଜ ସିରିଜ୍ ଷଷ୍ଠ ଖଣ୍ଡ

# ମାଡାମ୍ କ୍ୟୁରୀ

ଲେଖକ

ଶ୍ରୀ ରଘୁନାଥ ମହାପାତ୍ର, ବି. ଏ.

ଆଦର୍ଶ ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ : ୨

ନୂତନ ପ୍ରକାଶ
୧୯୭୦

ମୂଲ୍ୟ—ଷାଠିଏପଇସା ମାତ୍ର

# ମାଡାମ୍ କ୍ୟୁରୀ

## କିଏ ସେହି ନାରୀ ?

କେତେ କେତେ ଲୋକ ନୋବେଲ ପ୍ରାଇଜ୍ ପାଇଲେଣି । କେତେ ଲୋକ ଆହୁରି ବଡ଼ ବଡ଼ ପୁରସ୍କାର ପାଇ ସଂସାରରେ ନାଁ କଲେଣି; କିନ୍ତୁ ମାଡାମ୍‌କ୍ୟୁରୀ ଯେଉଁ ଅଦ୍ଭୁତ ଜିନିଷ ବାହାର କରିଛନ୍ତି, ସେମିତି ଜିନିଷ ଆଜି ପର୍ଯ୍ୟନ୍ତ କିଏ ହେଲେ ବାହାର କରି ନ ଥିଲେ । ମହିଳାମାନଙ୍କ ଭିତରେ ତାଙ୍କପରି ଆଉ କେହି ନାଁ କରି ନାହାନ୍ତି । ପୁରୁଷମାନେ ବିଜ୍ଞାନ ପଢ଼ିବେ, ନୂଆ ନୂଆ ଜିନିଷ ବାହାର କରିବେ, ସ୍ତ୍ରୀଲୋକମାନେ ଏ ସବୁ ବିଦ୍ୟାରେ ତାଙ୍କ ପରି ହୋଇ ପାରିବେ ନାହିଁ ବୋଲି ପୁରୁଷମାନଙ୍କର ଯେଉଁ ଗର୍ବ ଥିଲା, ତାହା ମାଡାମ୍‌କ୍ୟୁରୀ ଏକାଥରକେ ଖର୍ବ କରି-ଦେଇଛନ୍ତି । ଇଂଲଣ୍ଡର ସବୁଠୁଁ ବଡ଼ ବିଶ୍ୱବିଦ୍ୟାଳୟ—'କେମ୍ବ୍ରିଜ୍' । ସେଠାରେ ଖାଲି ଇଂଲଣ୍ଡର ନୁହେଁ, ପୃଥିବୀର ନାନାଦେଶରୁ ଭଲ ଭଲ ଛାତ୍ରମାନେ ଆସି ପଢ଼ନ୍ତି । ସେ ବିଶ୍ୱବିଦ୍ୟାଳୟ ପାଇଁ କେମ୍ବ୍ରିଜ ସହର ଗଢ଼ାହୋଇଛି । ସେ ସହରର ଶାସନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଶାସନ ଅଧୀନରେ ଥାଏ । ହଜାର ହଜାର ଛାତ୍ର ସେଠାରେ ପଢ଼ନ୍ତି । ଏଡ଼େ ବଡ଼ ନାମଜାଦା ବିଶ୍ୱବିଦ୍ୟାଳୟ,

ତାହା ପୁଣି ଶିକ୍ଷିତ, ସଭ୍ୟ ଇଂଲଣ୍ଡ ଦେଶ ଭିତରେ ଅବସ୍ଥିତ । ସେ ବିଶ୍ୱବିଦ୍ୟାଳୟରେ ତିରିଶିବର୍ଷ ତଳେ ସ୍ତ୍ରୀଲୋକମାନେ ପଢ଼ିବା ପାଇଁ ସୁବିଧା ନ ଥିଲା । ସ୍ତ୍ରୀଲୋକଙ୍କୁ ଉପାଧି ଦେବାପାଇଁ ସେଠାର ବଡ଼ ବଡ଼ ପରିଚାଳକମାନେ ରାଜି ହେଉ ନ ଥିଲେ । ସ୍ତ୍ରୀଲୋକମାନଙ୍କୁ ପୁରୁଷମାନଙ୍କ ସମକକ୍ଷ କରିବାପାଇଁ ସେମାନେ ପ୍ରସ୍ତୁତ ନ ଥିଲେ । ଏ ଅବସ୍ଥାରେ ସେହି ଦେଶ ଆଖପାଖର ଜଣେ ସ୍ତ୍ରୀଲୋକ ଏପରି ଅଦ୍ଭୁତ କାର୍ଯ୍ୟ ଦେଖାଇ ପାରିବେ, ଏ ଧାରଣା ସେତେବେଳେ କାହା ମନକୁ ଆସୁ ନ ଥିଲା ।

'ମାଡାମ୍ କ୍ୟୁରୀ' ନାରୀଜାତିର ମଥାମଣି ପରି । ମା' ନ ହେଲେ ସନ୍ତାନର ଦୁଃଖ କଷ୍ଟ ବୁଝିବା ଅନ୍ୟ କାହା ପକ୍ଷରେ ସହଜ କଥା ନୁହେଁ । ପୃଥିବୀରେ ଅନେକ ଲୋକଙ୍କର ରୋଗ ବୈରାଗ ହୁଏ । ରୋଗ ଭଲ କରିବା ପାଇଁ ଏ ପୃଥିବୀର ସୃଷ୍ଟି କାଳରୁ କେତେ ଔଷଧ ବାହାରିଛି । ଆମ ଦେଶରେ ଧନ୍ୱନ୍ତରିଙ୍କ ପରି ବୈଦ୍ୟ ଜନ୍ମ ହୋଇ ଲୋକମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ କେତେ ଔଷଧ ବ୍ୟବସ୍ଥା କରିଛନ୍ତି । ପୃଥିବୀର ଅନ୍ୟାନ୍ୟ ଦେଶରେ ସେହିପରି କେତେ ବଡ଼ ବଡ଼ ଚିକିତ୍ସକ ଜନ୍ମ ହୋଇଛନ୍ତି; କିନ୍ତୁ ଏପରି ଗୋଟିଏ ଅସାଧ୍ୟ ରୋଗ ଅଛି, ଯାହାକୁ ଭଲ କରିବା ପାଇଁ ପୃଥିବୀରେ ସବୁଦେଶର ଚିକିତ୍ସକମାନେ ଚେଷ୍ଟା କରି ସୁଦ୍ଧା, କେହି ହେଲେ ସଫଳ ହୋଇ ପାରି ନାହାନ୍ତି । ସେ ରୋଗଟିର ନାଁ ହେଉଛି—କର୍କଟରୋଗ । ଇଂରାଜୀରେ ଏହାକୁ କହନ୍ତି 'କ୍ୟାନ୍‌ସର' । ମାଡାମ୍ କ୍ୟୁରୀ ତାଙ୍କର ଅଦ୍ଭୁତ ଶକ୍ତି ବଳରେ ଏ ରୋଗକୁ ଜିଣିବାପାଇଁ ଲାଗିପଡ଼ିଲେ । ଶେଷରେ ସେ ଗୋଟିଏ ଜିନିଷ ବାହାର କଲେ—ତାର ନାମ 'ରେଡିୟମ' । ଏହି ରେଡିୟମ ଏକ ଅତି ମୂଲ୍ୟବାନ୍ ପଦାର୍ଥ । ସୁନା ହୀରାଠାରୁ ବଳି ଏହାର ମୂଲ୍ୟ ଆହୁରି ବେଶି । ରୋଗ ଭଲ

କରିବା ଛଡ଼ା ଏହା ଆହୁରି ବଡ଼ ବଡ଼ କାର୍ଯ୍ୟରେ ଆଜିକାଲି ଲାଗୁଛି । ପରମାଣୁ ଶକ୍ତି ଏହାରି ବଳରେ ଆଜି ପୃଥିବୀର ଅଦ୍ୱିତୀୟ ଅସ୍ତ୍ର ବୋଲି ପରିଚିତ ହେଉଅଛି ।

ଜଗତ ଏବେ ଏକ ନୂଆ ଢଗରେ ଚାଲିଛି । ସେକାଳରେ ଯେତେ ଜିନିଷ ଥିଲା, ଆଜିକାଲି ତା'ଠାରୁ କୋଟି କୋଟି ଗୁଣରେ ବେଶି ଅଛି । ସୁନା, ହୀରା, ମୋତି ମାଣିକ୍ୟ ପ୍ରଭୃତି ପୂର୍ବେ ସବୁଠାରୁ ମୂଲ୍ୟବାନ ଜିନିଷ ବୋଲି ଲୋକେ ମନେ କରୁଥିଲେ; କିନ୍ତୁ ତାଠାରୁ ବଳି ଜିନିଷ ଏ ପୃଥିବୀରୁ ବୈଜ୍ଞାନିକମାନେ ସଂଗ୍ରହ କରିପାରିଛନ୍ତି । ଏହିପରି ଗୋଟିଏ ଅତି ମୂଲ୍ୟବାନ ଜିନିସ ହେଉଛି—'ରେଡିୟମ୍ ।' ଏହା ଆବିଷ୍କାର କରି ପାରିଲେ ବୋଲି ପୃଥିବୀରେ ମାଡାମ କ୍ୟୁରି ବିଖ୍ୟାତ ହୋଇଅଛନ୍ତି । ସେ ଧନୀ ଘରର ଝିଅ କିମ୍ବା ବୋହୂ ନ ଥିଲେ । ଅତି ଦରିଦ୍ର ଭାବରେ ଜୀବନ କଟାଇଛନ୍ତି; କିନ୍ତୁ ଏ ରେଡିୟମଟିକୁ ଆବିଷ୍କାର କରି ଆପଣାର କରି ରଖିଥିଲେ ସେ ପୃଥିବୀରେ ଜଣେ କୋଟିପତି ହୋଇଥାନ୍ତେ । ସେ ତାହା କରି ନ ଥିଲେ । ସେ ବଡ଼ ଉଦାର ଥିଲେ । ଲୋକମାନଙ୍କର ସେବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା; ତେଣୁ ଏହି ଆବିଷ୍କୃତ ଜିନିଷଟିକୁ ଜଗତର କଲ୍ୟାଣ ଢଗରେ ଲଗେଇ ଦେଇଥିଲେ । ସେଥିପାଇଁ ପୃଥିବୀରେ ସେ ଖାଲି ବୈଜ୍ଞାନିକ ଭାବରେ ପରିଚିତ ନୁହନ୍ତି, ସବୁଆଡ଼େ ଜଣେ ପ୍ରସିଦ୍ଧ ଲୋକ-ସେବିକା ବୋଲି ମଧ୍ୟ ସମ୍ମାନ ପାଉଥିଲେ ।

ସେଇ ମାଡାମ୍ କ୍ୟୁରି କିପରି ଜଗତ୍ ବିଖ୍ୟାତ ହୋଇ ପାରିଲେ ? ସେ କଥା ଆମ ଦେଶର ବାଳକ ବାଳିକାମାନେ ଜାଣିଲେ ତାଙ୍କ ପରି କେତେ ବୈଜ୍ଞାନିକ ବାହାରିପାରିବେ । ତାହାହେଲେ ଆମ ଦେଶ ପୃଥିବୀର ଅନ୍ୟ ଉନ୍ନତ ଦେଶମାନଙ୍କ ସଙ୍ଗେ ସମାନ ହୋଇ ଠିଆ ହୋଇପାରିବ ।

## ମାନଅ।

ଆମ ଦେଶର ଉତ୍ତର-ପଶ୍ଚିମକୁ ଇଉରୋପ ମହାଦେଶ। ଇଉରୋପ ମହାଦେଶର ଦେଶଗୁଡ଼ିକ ପୃଥିବୀରେ ସବୁଠାରୁ ବେଶି ଉନ୍ନତ। ସେହି ଇଉରୋପ ମହାଦେଶ ମଧ୍ୟରେ 'ପୋଲାଣ୍ଡ' ଗୋଟିଏ ଦେଶ। ତାହା ଶ୍ରେଷ୍ଠ ଦେଶ ନୁହେଁ। ଅତି ପୂର୍ବକାଳରୁ ପୋଲଣ୍ଡ ଦେଶର ଖ୍ୟାତି ରହିଆସିଛି। ପୋଲଣ୍ଡ ଦେଶର ପୂର୍ବକୁ ଲାଗି ରୁଷିଆ ଦେଶ। ଏହା ଗୋଟିଏ ବଡ଼ ଦେଶ। ଆଜିକାଲି ପୃଥିବୀରେ ରୁଷିଆ ଦେଶର ଖ୍ୟାତି ବଢ଼ିବାରେ ଲାଗିଛି। ସେହି ରୁଷିଆ ଦେଶରେ ଆଗେ ରାଜା ଥିଲେ; କିନ୍ତୁ ଏବେ ଆଉ ରାଜା ନାହାନ୍ତି। ପୂର୍ବକାଳରେ ରୁଷିଆର ରାଜାମାନଙ୍କୁ 'ଜାର' ବୋଲି କୁହାଯାଉଥିଲା। ଜାରମାନେ ବଡ଼ ସ୍ୱେଚ୍ଛାଚାରୀ ଥିଲେ। ଆଖପାଖ ଦେଶଗୁଡ଼ିକ ଜାରଙ୍କ ଅଧୀନରେ ମଧ୍ୟ ଥାଏ। ପୋଲଣ୍ଡ ଦେଶ ଜାରଙ୍କର ଅଧୀନସ୍ଥ ଦେଶମାନଙ୍କ ମଧ୍ୟରୁ ଗୋଟିଏ।

ପୋଲଣ୍ଡ ଦେଶର ରାଜଧାନୀ—ଓ୍ୱାରସା। ଏହି ସହର ପୋଲଣ୍ଡର ସବୁଠୁ ବଡ଼ ସହର। ଏ ସହରର ଗୋଟିଏ ହାଇସ୍କୁଲରେ ଜଣେ ଶିକ୍ଷକ ଥାନ୍ତି। ତାଙ୍କ ନା—ଭ୍ଲାଦିସ୍ଲାଭ ସକ୍ଲୋଦୋଭସ୍କି। ସେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ରୁଷିଆ ଦେଶରେ ଗୋଟିଏ ବଡ଼ କଲେଜରୁ ଉଚ୍ଚ ଶିକ୍ଷା ପାଇଥିଲେ ବୋଲି ପୋଲଣ୍ଡର ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ତାଙ୍କର ଆଦର ଖୁବ୍ ବେଶି। ସକ୍ଲୋଦୋଭସ୍କିଙ୍କ ସ୍ତ୍ରୀ ମଧ୍ୟ ଉଚ୍ଚଶିକ୍ଷିତା। ସେ ଗୋଟିଏ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ରୂପେ ଥାନ୍ତି।

ଏହି ଉଚ୍ଚ ଶିକ୍ଷିତ ପରିବାରରେ କ୍ୟୁରୀଙ୍କର ଜନ୍ମ। କ୍ୟୁରୀଙ୍କ ଉପରେ ସକ୍ଲୋଦୋଭସ୍କିଙ୍କର ଆହୁରି ଚାରୋଟି ସନ୍ତାନ ଥିଲେ। ସେମାନଙ୍କ

ମଧ୍ୟରୁ ୩ଟି ଝିଅ ଓ ଗୋଟିଏ ପୁଅ । ୧୮୬୭ ମସିହା ନଭେମ୍ବର ୭ ତାରିଖ ଦିନ କ୍ୟୁରୀ ସକ୍ଲଦଭସ୍କିଙ୍କ ଘରକୁ ଉଜ୍ଜ୍ୱଳ କରି ଜାତ ହୋଇଥିଲେ । ପିଲାଦିନରୁ ତାଙ୍କର ନାଁ କ୍ୟୁରୀ ନ ଥିଲା । ତାଙ୍କ ପିତାମାତା ତାଙ୍କୁ ମେରୀ ବୋଲି ନାଁ ଦେଇଥିଲେ; କିନ୍ତୁ ସବୁବେଳେ 'ମାନିଆ' ବୋଲି ଡାକୁଥିଲେ ।

ମାନିଆ ସବୁଠାରୁ ସ୍ରେଠ ଥିଲେ । ତେଣୁ ତାଙ୍କଠାରେ ବାପ ମା'ଙ୍କର ବେଶି ସ୍ନେହ ଥିଲା । ଜନ୍ମ ହେବାର ବର୍ଷକ ପରେ ମାନିଆଙ୍କ ମାଙ୍କୁ ଯକ୍ଷ୍ମା ରୋଗ ଆକ୍ରମଣ କଲା । ସେ ଭାରି ଶିକ୍ଷିତା । ପୁଅ ଝିଅଙ୍କର ଦେହ ସୁସ୍ଥ ରହିବାପାଇଁ ସେ ଭାରିଚେଷ୍ଟାକରୁଥିଲେ । ସେଥିପାଇଁ ସେ ପିଲାଙ୍କୁ ପାଖକୁ ନଅନ୍ତି ନାହିଁ । ମାନିଆ ତ ସବୁଠୁ ସ୍ରେଠ । ମା ଯେତେ ମନାକଲେ ମଧ୍ୟ ସେ ମାନେ ନାହିଁ । ସେ ଦୌଡ଼ି ଆସି ମାଙ୍କ ପାଖରେ ବସେ । ମା ସଙ୍ଗେ ସଙ୍ଗେ ଦୁରେଇ ଯାଇ ତାଙ୍କୁ ବାଁରେଇ ଦିଅନ୍ତି । ତେଣୁ ପିଲାଦିନରୁ ମା ପାଖେ ପାଖେ ଥାଇ ସୁଦ୍ଧା ମାନିଆଙ୍କୁ ମାତୃ ସୁଖ ମିଳି ନ ଥିଲା ।

ମାନିଆର ବଡ଼ ଭଉଣୀର ନାଁ—ବ୍ରନିଆ । ମାନିଆକୁ ଚାରି-ବର୍ଷ ବେଳେ ଥରେ ବାପା ତା ବଡ଼ ଭଉଣୀକୁ ଡାକି ଖଣ୍ଡିଏ ବହି ପଢ଼ିବାକୁ ଦେଲେ । ବ୍ରନିଆ ପଢ଼ିସାରିବା ପରେ ବାପା କେତୋଟି ପ୍ରଶ୍ନ ପଚାରୁଥିଲେ । ଏତିକିବେଳେ ମାନିଆ ସେ ବହିଟି ନେଇ ବଡ଼ପାଟିରେ ପଢ଼ିବାକୁ ଲାଗିଲା । ବାପା ଜାଣି ନ ଥିଲେ ମାନିଆ ସେ ବହିଟି ପଢ଼ିପାରିବ ବୋଲି । ତାଙ୍କୁ ଭାରି ଆଶ୍ଚର୍ଯ୍ୟ ଲାଗିଲା । ମାନିଆକୁ ସେ ଆଦରରେ କୋଳକୁ ଟାଣିନେଲେ । ବାପା କାର୍ଯ୍ୟ-କ୍ଷେତ୍ରରୁ ଫେରି ଘରକୁ ଆସିଲେ ପ୍ରଥମେ ମାନିଆକୁ ନ ଦେଖିଲେ ତାଙ୍କୁ ଆଉ କୌଣସି କଥା ରୁଚେ ନାହିଁ ।

---

## ଶିକ୍ଷା

ମାନିଆ ଦେଖେ ତାର ବଡ଼ ଭଉଣୀମାନେ ସ୍କୁଲକୁ ଯାନ୍ତି । ବହିପତ୍ର ଧରି ସ୍କୁଲରୁ ଫେରନ୍ତି । ତାର ମଧ୍ୟ ମନ ସେ ଭଉଣୀମାନଙ୍କ ପରି ବହି ଧରି ସ୍କୁଲକୁ ଯିବ ଆଉ ପାଠ ପଢ଼ିବ । ତାର ବୟସ ବଢ଼ିଲା । ବାପା ତାକୁ ନେଇ ସ୍କୁଲରେ ଭର୍ତ୍ତି କରିଦେଲେ । ତାର ପଢ଼ାରେ ଭାରି ମନ । ଶ୍ରେଣୀରେ ଅନ୍ୟ ପିଲାଙ୍କ ସଙ୍ଗରେ ବସି ପଢ଼ିଲାବେଳେ ସେ ଅନ୍ୟ କୁଆଡ଼େ ମନ ଦିଏ ନାହିଁ । ସବୁଦିନର ପଢ଼ା ନିୟମିତ ଭାବରେ କରେ । ସେ ଭାରି ବୁଦ୍ଧିମତୀ; ତେଣୁ ଶିକ୍ଷକ ତାକୁ ଭାରି ଭଲ ପାନ୍ତି । ସବୁ ବିଷୟରେ ଶ୍ରେଣୀ ପିଲାଙ୍କ ମଧ୍ୟରେ ସେ ପ୍ରଥମ ହୁଏ । ତେଣୁ ବାପା ମା, ଓ ଶିକ୍ଷକଙ୍କର ସେ ଭାରି ପ୍ରିୟପାତ୍ରୀ ହୋଇଥାଏ ।

ପୋଲାଣ୍ଡ ଦେଶ ରୁଷଙ୍କ ଅଧୀନରେ ଥାଏ । ତେଣୁ ଆଗେ ଆମ ଦେଶର ସ୍କୁଲମାନଙ୍କରେ ବାଧ୍ୟତାମୂଳକ ଭାବରେ ଇଂରାଜୀ ଉଚ୍ଚକ୍ଲାସରୁ ପଢ଼ା ହେଉଥିଲା ପରି ତାଙ୍କ ଦେଶରେ ରୁଷ ଭାଷା ପଢ଼ା ହେଉଥାଏ । ଶିକ୍ଷୟିତ୍ରୀମାନେ ପୋଲାଣ୍ଡର ଇତିହାସ ପିଲାମାନଙ୍କୁ ଜଣେଇବାକୁ ଇଚ୍ଛା କଲେ ମଧ୍ୟ ଜଣେଇ ପାରନ୍ତି ନାହିଁ । ମାନିଆ ଯେଉଁ ଶ୍ରେଣୀରେ ପଢ଼ୁଥିଲା, ସେଥିରେ ଶିକ୍ଷୟିତ୍ରୀ ଥରେ ପୋଲାଣ୍ଡର ଇତିହାସ କଥା ପିଲାମାନଙ୍କୁ କହୁଥିଲେ । ସେତେବେଳେ କାଳେହେଁ କିଏ ଆସିବ ସେଥିପାଇଁ ଦୁଆର ବନ୍ଦ କରି ଦେଇଥିଲେ । ଏହି ସମୟରେ ହଠାତ୍ ଇନ୍‌ସ୍‌ପେକ୍ଟର ସାହେବ ଆସି ପହଞ୍ଚିଗଲେ । ସେତେବେଳେ ଥାଏ ସିଲେଇ ପିରିଅଡ଼ । ଶିକ୍ଷୟିତ୍ରୀଙ୍କ ହାତରେ ପୋଲାଣ୍ଡର ଇତିହାସ ବହିଟି ଥିଲା । ବହିଟିକୁ ସେ ଭାରି କୌଶଳରେ ଗୋଟିଏ ପିଲା ହାତରେ ଅନ୍ୟ ସ୍ଥାନକୁ ପଠାଇ ଦେଲେ । ପିଲାମାନେ ସିଲେଇ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ଇନ୍‌ସପେକ୍ଟର ପ୍ରାର୍ଥନା ଗାଇବା ପାଇଁ ଆଦେଶ ଦେଲେ । ମନିଆ ରୁଷ ଭାଷାରେ ଏଡ଼େ ସୁନ୍ଦର ଭାବରେ ଗୋଟିଏ ପ୍ରାର୍ଥନା ଗାଇଲା ଯେ, ସେଥିରେ ସାହେବ ମୁଗ୍ଧ ହୋଇଗଲେ । ଇନ୍‌ସପେକ୍ଟର ସାହେବ ପୁଣି ପଚାରିଲେ, ଆମ ଦେଶର ଶାସନକର୍ତ୍ତା କିଏ ? ମାନିଆ ଉପରେ ଏ ପ୍ରଶ୍ନଟି ପଡ଼ିଲା । ରୁଷିଆର ଶାସନକର୍ତ୍ତା-ମାନଙ୍କର ଅତ୍ୟାଚାରର କଥା ସେ ଶୁଣିଛି । ପୋଲାଣ୍ଡ ସେତେବେଳେ ଭୀଷଣ ଅତ୍ୟାଚାରରେ ପେଡ଼ି ହେଉଥାଏ । ମାନିଆର ମନ ହେଉ ନ ଥାଏ—ଏ ଅତ୍ୟାଚାରୀ ରାଜାଙ୍କର ନାମ ଉଚ୍ଚାରଣ କରିବାକୁ; କିନ୍ତୁ ଇନ୍‌ସପେକ୍ଟରଙ୍କର ପ୍ରଶ୍ନର ଉତ୍ତର ନ ଦେଲେ ନ ଚଳେ । ସେ ଠିଆହୋଇ ଉତ୍ତରଦେଲା ରୁଷ ସମ୍ରାଟ୍ ମହାମହିମ ଦ୍ୱିତୀୟ ଆଲେକ୍‌ଜାଣ୍ଡର । ଇନ୍‌ସପେକ୍ଟର ସନ୍ତୁଷ୍ଟ ହୋଇ ଫେରିଗଲେ । ମାନିଆ ଶିକ୍ଷୟିତ୍ରୀଙ୍କର ମାନ ରଖିଲା । ଶିକ୍ଷୟିତ୍ରୀ ଦଉଡ଼ି ଆସି ମାନିଆକୁ କୋଳକୁ ଟାଣିନେଲେ ।

ସ୍କୁଲର ଯେତେ ଉତ୍ସବ ହୁଏ, ମାନିଆ ସବୁଥିରେ ଆଗରେ ଥାଏ । ଶିକ୍ଷୟିତ୍ରୀମାନେ ତାର ବ୍ୟବହାର ଓ ପଢ଼ାପଢ଼ିରେ ଖୁବ୍ ସନ୍ତୁଷ୍ଟ ଥାନ୍ତି । ପ୍ରତିବର୍ଷ ସେ ଗୋଟିକ ପରେ ଗୋଟିଏ ଶ୍ରେଣୀ ଉଠିବାକୁ ଲାଗିଲା । ମାନିଆକୁ ଷୋଳ ବର୍ଷ ବେଳେ ସେ ମାଧ୍ୟମିକ ଶିକ୍ଷା ଶେଷ କଲା । ସ୍କୁଲରୁ ସେ ଗୋଟିଏ ସୁନା ମେଡ଼ାଲ ପାଇଲା, ତା ସଙ୍ଗରେ ଆହୁରି କେତେଗୁଡ଼ିଏ ବହି ମଧ୍ୟ ପାଇଲା । ସକ୍ଲୋଦଭସ୍କି ଝିଅର କୃତିତ୍ୱ ଦେଖି ଭାରି ଖୁସି ହେଲେ ।

## ଦୁଃଖ ତାର ସାଙ୍ଗସାଥୀ ନେଇଆସେ

କ୍ୟୁରୀଙ୍କ ପିତା ସକ୍ଲୋଦଭସ୍କି ପୋଲଣ୍ଡର ଲୋକ । ସେ ରୁଷିଆରେ ପାଠ ପଢ଼ିଲେ ସୁଦ୍ଧା ତାଙ୍କ ନିଜ ଦେଶପ୍ରତି ବଡ଼ ସ୍ନେହ ଥିଲା । ରୁଷିଆର ଜାର ଶାସନକୁ ସେ ପସନ୍ଦ କରୁ ନ ଥିଲେ । ସକ୍ଲୋଦଭସ୍କି ଶିକ୍ଷା ବିଭାଗରେ ଥିଲେ ସୁଦ୍ଧା ପୋଲଣ୍ଡବାସୀଙ୍କ ରାଜନୈତିକ ଚେତନା ଆଣିବା ପାଇଁ ମନ ପ୍ରାଣ ଢାଳି ଦେଇଥିଲେ । ଏ ଖବର ଶିକ୍ଷାବିଭାଗର ବଡ଼ ବଡ଼ ଅଫିସରମାନଙ୍କ କାନକୁ ଗଲା । ଶିକ୍ଷାବିଭାଗର ଅଫିସରମାନଙ୍କ ସହିତ ଏଥି ନିମିତ୍ତ ତାଙ୍କର ମନୋମାଳିନ୍ୟ ଘଟିଲା । ଏହାର ଫଳ ବଡ଼ ଖରାପ ହେଲା । ତାଙ୍କ ଦରମା ତାଙ୍କୁ କମ୍ କରି ଦିଆଗଲା । ଏହା ପରେ ପରେ ସକ୍ଲୋଦଭସ୍କି ସ୍କୁଲ ପାଖରୁ ବସା ବଦଳାଇ ଅନ୍ୟ ଗୋଟିଏ ଜାଗାକୁ ଚାଲିଗଲେ । ସେ ଜାଗାରେ ତାଙ୍କ ଘର ପାଖରେ ଗୋଟିଏ ଛାତ୍ରାବାସ ଖୋଲିଦେଲେ । ତାଙ୍କ ପ୍ରତି ପିଲାମାନଙ୍କର ବଡ଼ ଭକ୍ତି ଥିଲା । ସେ ଛାତ୍ରାବାସକୁ ଅନେକ ଛାତ୍ର ଆସିଲେ । ପିଲାଙ୍କ ସହିତ ମିଳିମିଶି ସେ ନିଜର ଦୁଃଖ ପାସୋରି ପକାଇଲେ ।

ଯେତେବେଳେ ଦୁଃଖ ଆସେ, ଏକୁଟିଆ ହୋଇ ଆସେ ନାହିଁ, ସଙ୍ଗରେ ପରିବାରର ସମସ୍ତଙ୍କୁ ନେଇ ଆସେ । ସକ୍ଲୋଦଭସ୍କି ବଡ଼ ସରଳ ଲୋକ ଥିଲେ । ଦୁଃଖ କଷ୍ଟକୁ ଆପଣାର କରି ତାରି ଭିତରେ ସେ ମଧ୍ୟ ଆନନ୍ଦ ପାଇବାର ଚେଷ୍ଟା କରୁଥିଲେ; କିନ୍ତୁ ଦୁଃଖ ତ ଏତେ ସରଳ ନୁହେଁ ।

ହଠାତ୍ ତାଙ୍କର ଏ ପରିବାର ମଧ୍ୟରେ ଏକ ସଂକ୍ରାମକ ରୋଗ ପଶିଲା । ଛାତ୍ରାବାସର ଛାତ୍ରଙ୍କ ଭିତରୁ ଜଣେ ଏ ରୋଗରେ ପଡ଼ିଲେ । ତାପରେ ସକ୍ଲୋଦଭସ୍କିଙ୍କ ବଡ଼ଝିଅ ଯୋଶିଆକୁ ଏ ରୋଗ

ଆକ୍ରମଣ କଲା । ସକ୍ଳଦଭସ୍କି ଘର ଚେଷ୍ଟା କଲେ ଯୋଶିଆକୁ ଭଲ କରିବାପାଇଁ; କିନ୍ତୁ ପାରିଲେ ନାହିଁ । ଯୋଶିଆ ମା ବାପାଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଚାଲିଗଲା । ତା ପରେ ପରେ ମାନିଆର ମା ଭୀଷଣ ଯକ୍ଷ୍ମା କବଳରୁ ବର୍ତ୍ତି ପାରିଲେ ନାହିଁ । ଯୋଶିଆର ମୃତ୍ୟୁର ଦୁଇବର୍ଷପରେ ତାର ମା ମଧ୍ୟ ସଂସାରରୁ ବିଦାୟ ନେଲେ । ସକ୍ଳଦଭସ୍କିଙ୍କ ପ୍ରାଣକୁ ଏହା ବାଧିଲା । କିପରି ଏ ସଂସାର ଚଳେଇବେ—ସେଇ 'ଚିନ୍ତା'ରେ ସବୁବେଳେ ବ୍ୟସ୍ତ ହେଲେ ।

---

## ପଢ଼ିବାପାଇଁ ଯୋଗାଡ଼

ଆମ ଦେଶରେ ଇଂରେଜ ସରକାର ରାଜତ୍ୱ କଲାବେଳେ ଆମ ଦେଶର ଶିକ୍ଷାର ଉନ୍ନତି ସେ ଚାହୁଁ ନ ଥିଲେ । କାହିଁ ଦଶ ବାର କୋଶ ଗଲେ ଗୋଟିଏ ହାଇସ୍କୁଲ ମିଳୁଥିଲା—ତା ବି ସବୁଠାରେ ନ ଥିଲା । ଗୋଟିଏ ଜିଲ୍ଲାରେ ଗୋଟିଏ ବାଳିକା ହାଇସ୍କୁଲ ହେଲେ ବଡ଼ କଥା; ତେଣୁ ଆମ ଦେଶର ଶିକ୍ଷା ସେତେବେଳେ ସବୁଠୁ ପଛେଇ ଥିଲା । ତା ଫଳରେ ଅନ୍ୟାନ୍ୟ ଦିଗରେ ଦେଶ ଆଗେଇ ପାରୁ ନ ଥିଲା । ପୋଲାଣ୍ଡ ଦେଶ ଆମ ଦେଶ ପରି ସେତେବେଳେ ରୁଷ ସରକାରଙ୍କ ଅଧୀନରେ ଥିଲା । ପୋଲାଣ୍ଡ ଦେଶରେ ଶିକ୍ଷା ବିସ୍ତାର ପାଇଁ ରୁଷ ସରକାର ଇଚ୍ଛା କରୁ ନ ଥିଲେ—ପୁଣି ସ୍ତ୍ରୀ ଶିକ୍ଷା ତ ଅନେକ ଦୂରର କଥା । ଉଚ୍ଚଶିକ୍ଷା ଦେବାକୁ କେହି ଇଚ୍ଛାକଲେ ରୁଷିଆ ରାଜଧାନୀ 'ପିଟରସବର୍ଗ' ଯିବାକୁ ପଡ଼ୁଥିଲା । ବାପମାନଙ୍କର ପଇସା ବେଶି ଥିଲେ ତ କିଏ ଏତେବଡ଼ ଆଶା ବାନ୍ଧିବ ।

ସଲ୍ଲଦଭସ୍କିଙ୍କର ଇଚ୍ଛାଥାଏ ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେବେ । କିନ୍ତୁ ଏ ଅବସ୍ଥାରେ କପରି କୁଆଡ଼େ ପଠାଇବେ ? ମାନିଆର ପଢ଼ା ବିଷୟରେ କିଛି ଠିକ୍ କରି ନ ପାରି ତାକୁ କିଛିଦିନ ନିଜ ଗାଁକୁ ପଠାଇ ଦେଲେ । ମାନିଆ ସେଇଠି ଗାଁର ଅନ୍ୟାନ୍ୟ ଝିଅମାନଙ୍କ ସାଙ୍ଗରେ ଖେଳିବୁଲି କିଛିଦିନ କଟାଇଲା । ସେଠାରେ ବର୍ଷେକାଳ ରହିବାପରେ ପୁଣି ୱାରିସା ସହରକୁ ଫେରି-ଆସିଲା ।

ବାପାଙ୍କର ଚାକିରି ଛାଡ଼ିବା ସମୟ ନିକଟ ହୋଇ ଆସିଲାଣି । ବାପା ଚାକିରି ଛାଡ଼ିଲା ପରେ ପରିବାର ଚଳିବ କିପରି ? ଭାଇଭଉଣୀ ସମସ୍ତେ ଉପାୟ ଚିନ୍ତା କରିବାକୁ ଲାଗିଲେ । ସେତେବେଳେ ଚାକିରି ବଡ଼ ଅଭାବ । ଅନେକ ଲୋକ ଦେଶରେ ବେକାର ହୋଇ ବସିଛନ୍ତି । କି ଉପାୟ କଲେ ଭାଇ ପଢ଼ିବ ପୁଣି ଘର ଚଳିବ ? ସମସ୍ତେ ମିଶି ଠିକ୍ କଲେଯେ, ଟିଉସନ କରିବେ । ଭାଇ ଟିଉସନ କରି ଡାକ୍ତରି ପଢ଼ିବ ଆଉ ଭଉଣୀ ଦୁହେଁ ଟିଉସନ କରି ଘର ଚଳେଇବେ । ବାପାଙ୍କ ମୁଣ୍ଡରୁ କେତେକ ଭାର କମିଯିବ । ମାନିଆର ଭାରି ଇଚ୍ଛା ଥାଏ କଲେଜରେ ପଢ଼ିବା ପାଇଁ । ସେ ସିନା ଟିଉସନ କରୁଥାଏ—ଆଉ ନ କଲେ ନ ଚଳିବ ବୋଲି; କିନ୍ତୁ ମନର ଇଚ୍ଛାଟି ତାର ସମ୍ପୂର୍ଣ୍ଣ ହେବ କିପରି ? ପୁଣି ବାଳିକାମାନଙ୍କ ପାଇଁତ କଲେଜରେ ପଢ଼ିବାପାଇଁ ଅଧିକାର ନାହିଁ ।

ଏହିପରି ମନର କଥା ମନରେ ମାରିଦେଇ ଭୁମ ହୋଇ ରହିଥାଏ । କେବେହେଲେ ଈଶ୍ୱର କ'ଣ ମାନିଆର ଇଚ୍ଛା ପୂରଣ କରିବେ ନାହିଁ ? ଦୃଢ଼ମନ ଥିଲେ ଉପାୟ ବଳେ ବଳେ ଆସେ ବୋଲି ଲୋକେ କହନ୍ତି । ମାନିଆ ଭାବେ—ମୋର କଣ କଲେଜରେ ପଢ଼ିବାପାଇଁ ଦୃଢ଼ମନ ନାହିଁ ?

ଏହି ସମୟରେ ଥରେ ଜଣେ ବଡ଼ଲୋକ ତାଙ୍କୁ ଡକେଇ ପଠେଇଲେ । ସେ ତାଙ୍କ ଝିଅଟିକୁ ପଢ଼ାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଖୋଜୁଥିଲେ । ଗୃହ-ଶିକ୍ଷୟିତ୍ରୀ ହିସାବରେ ମିସ୍ ମାନଆ ସେ ଅଞ୍ଚଳରେ ଖୁବ୍ ପରିଚିତା । ସେ ବଡ଼ଲୋକ ତାଙ୍କୁ ଖାଇବା ପିଇବା ଖର୍ଚ୍ଚ ବାଦ ମାସିକ ପାଞ୍ଚଶହ ଟଙ୍କା ଦେବେ ବୋଲି ରାଜି ହେଲେ । ଏଥିରେ ମିସ୍ ମାନଆ ମନେ ମନେ ଭାରି ଆନନ୍ଦିତ ହେଲେ । ମାନଆ ଭଉଣୀ ବ୍ରୁନଆଙ୍କୁ ଡାକିଲେ । ସେ ଦୁଇଜଣଙ୍କ ମଧ୍ୟରେ କଥାବାର୍ତ୍ତା ହେଲା । ମାନଆ ପ୍ରଥମେ ଟିଉସନ କରି ଟଙ୍କା ଦେବେ । ବ୍ରୁନଆ ସେହି ଟଙ୍କାରେ ଡାକ୍ତରୀ ପଢ଼ିବେ । ପୁଣି ବ୍ରୁନଆ ଡାକ୍ତରୀ ପଢ଼ି ସାରିଲେ ସେ ବ୍ୟବସାୟ କରି ମାନଆଙ୍କୁ ପଢ଼ାଇବେ ।

---

## ଭ୍ରାମ୍ୟମାନ ବିଶ୍ୱବିଦ୍ୟାଳୟ

ପରାଧୀନ ଦେଶ-ପୋଲାଣ୍ଡ । ପୋଲାଣ୍ଡ ଦେଶର ଘରେ ଘରେ ରୁଷ ସରକାର ବିରୁଦ୍ଧରେ ଅଭିଯୋଗ । ପାଠ ପଢ଼ିବାର ସୁବିଧା ନାହିଁ—କଥା କହିବାର ଶକ୍ତି ନାହିଁ । ଏପରି ପରାଧୀନତା ସ୍ୱୀକାର କରି କୌଣସି ଜାତି ରହି ନ ପାରେ; ତେଣୁ ଅନେକ ସ୍ଥାନରେ ବିଦ୍ରୋହ ହୁଏ, ବିପ୍ଳବ ହୁଏ; କିନ୍ତୁ ରୁଷ ସରକାରର କଡ଼ା ଶାସନ ଅଧୀନରେ ସବୁ ଭାଙ୍ଗିଯାଏ । ବିପ୍ଳବ, ବିଦ୍ରୋହ ସବୁ କଠିନ ଦଣ୍ଡର ଭୟ ସମ୍ମୁଖରେ ନଇଁଯାଏ; କିନ୍ତୁ ଭାଙ୍ଗି ପାରେନି ।

ପୋଲାଣ୍ଡ ଦେଶଟା ଭିତରେ କେତେଦଳ ମୁଣ୍ଡ ଟେକେ । ଏହିପରି ଗୋଟିଏ ବଡ଼ ବିପ୍ଳବୀ ଦଳ ଗୁପ୍ତଭାବରେ ତାର କାମ ଚଳେଇବାକୁ ଲାଗିଲା । ସେ ଦଳର ସଭ୍ୟମାନେ ଠିକ୍ କଲେ, ପ୍ରଥମେ ଏ ଦଳର ସମସ୍ତ ସଭ୍ୟଙ୍କୁ ଭିନ୍ନ ଭିନ୍ନ ବିଷୟରେ ଶିକ୍ଷା ଦେବାକୁ ହେବ । ଶିକ୍ଷା ପାଇଲେ ପ୍ରତ୍ୟେକ ସଭ୍ୟଙ୍କର ଅନ୍ତରରେ

ବଳ ବଢ଼ିବ ଏବଂ ତାପରେ ଏ ଦଳକୁ ସରକାରଙ୍କ ଦମନ ବିରୁଦ୍ଧରେ ଠିଆ କରାଇବାକୁ ହେବ । ସେଥିପାଇଁ ସେମାନେ 'ଭ୍ରମମାନ ବିଶ୍ୱବିଦ୍ୟାଳୟ' ବୋଲି ଗୋଟିଏ ଶିକ୍ଷା କେନ୍ଦ୍ର ଖୋଲିଲେ । ଏ ଶିକ୍ଷାକେନ୍ଦ୍ର ସରକାରଙ୍କର ଅଜାଣତରେ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଦଳର ସଭ୍ୟମାନଙ୍କୁ ଶିକ୍ଷା ଦେବାରେ ଲାଗିଲେ । କ୍ରମେ କ୍ରମେ ଏ ବିଶ୍ୱବିଦ୍ୟାଳୟର ଛାତ୍ରସଂଖ୍ୟା ବଢ଼ିବାକୁ ଲାଗିଲା । ମାନିଆ ଏ ଶିକ୍ଷାକେନ୍ଦ୍ରରେ ଜଣେ ସାଧାରଣ ସଭ୍ୟ ଭାବେ ପ୍ରଥମେ ପାଠ ପଢ଼ୁଥିଲେ; କିନ୍ତୁ ସେ କ୍ରମେ ବିପ୍ଳବୀ ହୋଇ ପଡ଼ିଲେ । ଦେଶର ସ୍ୱାଧୀନତା ପାଇଁ ମନ ପ୍ରାଣ ଲଗାଇ ସେ ସମସ୍ତଙ୍କୁ ଆହ୍ୱାନ କଲେ ।

ସେତେବେଳକୁ ସେ ଧନୀଲୋକଙ୍କ ଘରୁ ଚାକିରି ଛାଡ଼ିଦେଇ ଓ୍ୱାରସ୍ ସହରଠାରୁ ଦୂରରେ ଜଣେ ଧନୀ ଲୋକଙ୍କ ଝିଅକୁ ପଢ଼ାଇବା କାର୍ଯ୍ୟରେ ନିଯୁକ୍ତ ହେଲେ । ସେ ଗାଁଟି ଦେଖି ସେ ଯେତିକି ଆନନ୍ଦିତ ହେଲେ ସେତିକି ଦୁଃଖିତ ହେଲେ । ଗାଁର ଲୋକେ ସମସ୍ତେ ନିରକ୍ଷର; କିନ୍ତୁ ସମସ୍ତେ ଭାରି ସରଳ ଓ ସମସ୍ତଙ୍କର ପଢ଼ିବାରେ ଭାରି ଇଚ୍ଛା । ସେ ଭ୍ରମମାନ ବିଦ୍ୟାଳୟର କାମ ସେଇଠାରେ ଆରମ୍ଭ କରି ଦେଲେ । ସେ ନିଜେ ଯାହା ଦରମା ପାଆନ୍ତି, ସେଥିରୁ ଖର୍ଚ୍ଚ କରି ଲୋକଙ୍କୁ କାଗଜ ପେନସିଲ ମଧ୍ୟ ଯୋଗାନ୍ତି । ଏହିପରି ତିନିବର୍ଷ କାଳ ସେ ଗାଁର ଶିକ୍ଷା ଉନ୍ନତିରେ ଲାଗିପଡ଼ିଲେ । ଜନସମାଜର ସେବାରେ ସେ ନିଜକୁ ଲଗାଇ ଦେଇ ପାରିବାରିକ ସମସ୍ତ କଷ୍ଟ ଭୁଲି ଯାଉଥିଲେ । ଏତେବେଳେ ସେ ନିଜର ପାଠପଢ଼ା ପ୍ରତି ମଧ୍ୟ ହେଳା କରି ନ ଥିଲେ । ତାଙ୍କର ସବୁଠାରୁ ବେଶି ଆଗ୍ରହ ଥିଲା ଦୁଇଟି ବିଷୟ ପ୍ରତି । ତା ମଧ୍ୟରୁ ଗୋଟିଏ 'ବିଜ୍ଞାନ' ଓ ଅନ୍ୟଟି 'ସମାଜତତ୍ତ୍ୱ' । ସମୟ ପାଇଲେ ସେ ଦୁଇଟି ବିଷୟରେ ନାନାପ୍ରକାର ବହି ପଢ଼ିବାରେ ଲାଗୁଥିଲେ ।

# ପ୍ୟାରିସ୍ ଯାତ୍ରା

କ୍ୟୁରିଙ୍କୁ ସେତେବେଳେ ବୟସ ଅଠର ଊଣେଇଶ । କ୍ୟୁରି ଭାରି ସୁନ୍ଦରୀ ଥିଲେ; କିନ୍ତୁ ଆମ ଦେଶ ପରି ସେ ଦେଶରେ ଛ ଝିଅଙ୍କୁ ବାର ତେର ବର୍ଷ ବେଳୁ ବିବାହ ଦେବାର ପ୍ରଥା ନାହିଁ । ପୁଅ ପରି ପେଟ ପୋଷିପାରିବାର କ୍ଷମତା ଆସିଲେ ଝିଅ ବିବାହ ହେବ । ସେଥିପାଇଁ ସକ୍ଲୋଡସ୍କି ଝିଅର ବିବାହ ସମ୍ବନ୍ଧରେ କିଛି କଥା ପକାଉ ନ ଥାନ୍ତି ।

ସେତେବେଳେ କ୍ୟୁରି ଥିଲେ ଜଣେ ଧନୀଲୋକ ଘରେ । ଧନୀ ଲୋକଙ୍କର କନ୍ୟାଙ୍କୁ ପାଠ ପଢ଼ାଇବା ଓ ଲାଳନପାଳନ କରିବାର ଭାର ତାଙ୍କର ଉପରେ ଥିଲା । ସେ ଝିଅଟିର ବଡ଼ଭାଇ ବିଦେଶରେ ପାଠ ପଢ଼ୁଥିଲେ । ସମୟେ ସମୟେ ଛୁଟି ହେଲେ ସେ ଘରକୁ ଆସନ୍ତି । ବଡ଼ଦିନ ଛୁଟି ଖ୍ରୀଷ୍ଟିୟାନମାନେ ଭାରି ଆନନ୍ଦ ଉତ୍ସବରେ କଟାନ୍ତି । ପୁଅ ଘରକୁ ଆସିବାର ଦେଖି ଘରେ ଆନନ୍ଦର ଢେଉ ଖେଳିଲା । କେତେ ସୁନ୍ଦର ବେଶରେ ଘରର ସମସ୍ତେ ଖେଳି ବୁଲିଲେ । ବିଦେଶ ଫେରନ୍ତା ବଡ଼ପୁଅଙ୍କର ଆଖିପଡ଼ିଲା କ୍ୟୁରିଙ୍କ ଉପରେ । ପୁଅ, ବାପାଙ୍କ ପାଖରେ କ୍ୟୁରିଙ୍କ ସଙ୍ଗେ ତାଙ୍କର ବିବାହ ପ୍ରସ୍ତାବ ଆଣିଲେ । ମା ଯେତେବେଳେ ଏକଥା ଶୁଣିଲେ ସେ ଭାରି ଦୁଃଖିତା ହେଲେ । କହିଲେ—ଏଡ଼େ ଘରର ପୁଅ ସାଙ୍ଗକୁ କ୍ୟୁରି । ସେକଥା ହୋଇପାରିବ ନାହିଁ । ବାପା ଏକଥା ଶୁଣି ପୁଅ ଉପରେ ଖୁବ୍ ରାଗିଲେ । ପାଠ ପଢ଼ୁଆ ପୁଅ । ବାପ ମାଙ୍କୁ କେତେ ପ୍ରକାର ବୁଝାଇଲେ; କିନ୍ତୁ କୌଣସି ପ୍ରକାରେ କାହାକୁ ହେଲେ ରାଜି କରାଇ ପାରିଲେ ନାହିଁ । ଶେଷରେ ପ୍ରସ୍ତାବ ଭାଙ୍ଗିଲା ।

କ୍ୟୁରୀଙ୍କ ମନରେ ଏକଥା ଭରି କଷ୍ଟ ଦେଲା । ଯୌବନର ଆରମ୍ଭରେ ଏ ପ୍ରକାର କଷ୍ଟ ତାଙ୍କୁ ବଡ଼ ବାଧିଲା । ସେ ସ୍ଥାନ ଶୀଘ୍ର ଛାଡ଼ିବା ପାଇଁ ମନସ୍ଥ କଲେ । ଆଉ ସେତେବେଳେ ତାଙ୍କର ବଡ଼ ଭଉଣୀ ବ୍ରୁନିଆ ପ୍ୟାରିସରେ ଡାକ୍ତରୀ ପାସ୍ କରି ବିବାହ ହୋଇ ଆନନ୍ଦରେ ଥାଏ । ବ୍ରୁନିଆ ମାନିଆ ପାଖକୁ ଚିଠି ଖଣ୍ଡିଏ ଲେଖି ପାରିସ୍ ଆସିବାକୁ ଅନୁରୋଧ କରିଥାଏ । ସେ ଏ ସୁଯୋଗରେ ବାପା ଓ ଭାଇଙ୍କ ପାଖରୁ ବିଦାୟ ନେଇ ପ୍ୟାରିସ୍ ଯାହାରେ ବାହାରି ପଡ଼ିଲେ ।

---

## ବିଷମ ପରୀକ୍ଷା

ପ୍ୟାରିସ୍ ସହର ପୃଥିବୀର ବଡ଼ ବଡ଼ ସହରମାନଙ୍କ ମଧ୍ୟରୁ ଗୋଟିଏ । ସୌନ୍ଦର୍ଯ୍ୟରେ ପ୍ୟାରିସ୍ ସହର ପରି ସହର ନାହିଁ । କୋଠାବାଡ଼ିରେ ପରିପୂର୍ଣ୍ଣ । ଏହି ସହରଟି ଫ୍ରାନ୍‌ସ ଦେଶରେ । ପୋଲଣ୍ଡ ଦେଶରୁ ଫ୍ରାନ୍‌ସଦେଶ ବେଶି ଦୂର ନୁହେଁ । ସେହି ଫ୍ରାନ୍‌ସଦେଶର ବୀର ନେପୋଲିୟନ ସମଗ୍ର ପୃଥିବୀରେ ପ୍ରସିଦ୍ଧ ।

ମାନିଆ ଯାଇ ସେହି ପ୍ୟାରିସ୍ ସହରରେ ପହଞ୍ଚିଲେ । ସେ ଏ ସହରର ସୌନ୍ଦର୍ଯ୍ୟରେ ମୁଗ୍‌ଧ ହୋଇଗଲେ । ସହରଟି ତାଙ୍କ ପକ୍ଷରେ ଅପରିଚିତ ନୂଆ ହୋଇଥିଲେ ସୁଦ୍ଧା, ସେଠାରେ ବେଶି ଅସୁବିଧା ହେଲା ନାହିଁ । ଆଗରୁ ତାଙ୍କ ଭଉଣୀ ବ୍ରୁନିଆ ସେଠି ଆସି ପଡ଼ିଥିଲେ । ସେଇଠି ଡାକ୍ତରୀ ବ୍ୟବସାୟ କରି ସେ ରହିଛନ୍ତି; ତେଣୁ ସେ ସିଧା ସିଧା ବଡ଼ ଭଉଣୀ ବ୍ରୁନିଆ ଘରେ ଯାଇ ପହଞ୍ଚିଲେ । ପ୍ୟାରିସ ଆସିବାର ଉଦ୍ଦେଶ୍ୟତ ଅଲଗା । ନିଜ ଦେଶ ପୋଲଣ୍ଡରେ ପଢ଼ିବାର ସୁବିଧା ହେଲନାହିଁ ବୋଲି ପ୍ୟାରିସ୍ ଆସିବା କଥା; ତେଣୁଆସି ପହଞ୍ଚିବାମାତ୍ରେ କିପରି ଛାତ୍ରୀ ଭାବରେ କେଉଁଠାରେ ନାମ

ଲେଖାଇବେ ସେ ଯୋଗାଡ଼ ଚାଲିଲା । ବ୍ରନିଆଙ୍କ ସହାୟତାରେ ପ୍ୟାରିସ୍‌ର ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟରେ ମାନିଆ ନାମ ଲେଖାଇଲେ । ଫ୍ୟାକ୍‌ଲଟି ଅଫ୍ ସାଇନ୍‌ସ ବିଭାଗରେ ପଢ଼ିଲେ ।

ଫ୍ୟାକ୍‌ଲଟି ଅଫ୍ ସାଇନ୍‌ସ ବା ବିଜ୍ଞାନ ବିଭାଗରେ ଖୁବ୍ ମେଧାବୀ ଛାତ୍ର ଛାତ୍ରୀମାନେ ପଢ଼ନ୍ତି । ସାଧାରଣ ଛାତ୍ରମାନେ ସେଠାକୁ ଯାଆନ୍ତି ନାହିଁ । ସେଠାରେ ନାମ ଲେଖାଇବା ଫଳରେ ମାନିଆଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିଲା । ବିଜ୍ଞାନରେ ତାଙ୍କର ଅସୀମ ଶ୍ରଦ୍ଧା ଥିଲା; ତେଣୁ ଯେତେ କଷ୍ଟ ପଡ଼ୁ ପଛେ ତାକୁ ସେ ଖାତିର କଲେ ନାହିଁ । ତେବେ ଗୋଟିଏ ଅସୁବିଧା ହେଉଥିଲା । ସେ ତ ବ୍ରନିଆଙ୍କ ଘରେ ରହୁଥିଲେ; କିନ୍ତୁ ବ୍ରନିଆ ଡାକ୍ତରଣୀ । ତେଣୁ ସବୁବେଳେ ତାଙ୍କ ଘର ରୋଗୀମାନଙ୍କର ଆଶ୍ରୟସ୍ଥଳ । ସବୁବେଳେ ଲୋକ ଯିବା ଆସିବା । ଏଥିରେ କି ବିଜ୍ଞାନ ପରି ପାଠ ପଢ଼ିବା ସହଜ; କିନ୍ତୁ ଭଉଣୀ ଘର ଛାଡ଼ିବେ କିପରି ? କେତେ ଥର କଣ କରିବେ ବୋଲି ଚିନ୍ତା କରି ଥରେ ଭଉଣୀକୁ ଏ ଅସୁବିଧା କଥା କହିଲେ । ଅନ୍ୟ କୌଣସି ସ୍ଥାନରେ ରହି ପଢ଼ାପଢ଼ି କଲେ ଭଲହେବ ବୋଲି ସେ ଭଉଣୀଙ୍କୁ ନାନାପ୍ରକାର ବୁଝାଇଲେ ସୁଦ୍ଧା ବ୍ରନିଆ ମାନିଆଙ୍କୁ ପାଖରୁ ଛାଡ଼ିବାକୁ ନାରାଜ ହେଲେ । ଶେଷରେ ମାନିଆ କୌଣସି ପ୍ରକାରେ କହିପୋଛି ବିଶ୍ୱବିଦ୍ୟାଳୟ ପାଖରେ ଗୋଟିଏ କୋଠାରେ ଯାଇ ରହିବା ପାଇଁ ସ୍ଥିର କଲେ ।

ସେ ଏଇଠାରେ ବିଷମ ପରୀକ୍ଷାର ସମ୍ମୁଖୀନ ହେଲେ । ବ୍ରନିଆଙ୍କ ଘରେ ପାଠ ପଢ଼ିବାରେ ଅସୁବିଧା ହେଉଥିଲା ସତ; ମାତ୍ର ଅନ୍ୟାନ୍ୟ ସମସ୍ତ ସୁବିଧା ଥିଲା; କିନ୍ତୁ ଏଠାରେ ଖାଇବା, ରହିବା, ପଢ଼ିବା ସବୁ ବିଷୟରେ ଅସୁବିଧା । ବାପା ମାସିକ ଯାହା ପଠାନ୍ତି ସେତିକିରେ ପ୍ୟାରିସ୍ ସହରରେ ଚଳିବା ବଡ଼ କଷ୍ଟ । ତେଣୁ

ନିଜଘରେତ ବସ୍ତି ନ ଥାଏ । ଲାଇବ୍ରେରୀରେ ଅନେକ ରାତି ପର୍ଯ୍ୟନ୍ତ ପଢ଼ି ସେଠାରୁ ଫେରନ୍ତି । ପ୍ୟାରିସ୍ ସହରରେ ଘୋର୍ ଶୀତ । ଲୋକେ ଘରଭିତରେ ନିଆଁ ଜାଳି ଶୁଅନ୍ତି; ମାତ୍ର ରାତିରେ ମାନିଆଁ ଶୋଇଲା-ବେଳେ ନିଜର ଟ୍ରଙ୍କ ଖୋଲି ସେଥିରୁ ସବୁ ଲୁଗାପଟା ବାହାର କରି ଜମେଇ ଦେଇ ତାରି ତଳେ ଶୋଇ ପଡ଼ନ୍ତି । ଯେତେବେଳେ ବେଶି କଷ୍ଟ ହୁଏ, ଘର ଭିତରେ ଥିବା ଚୌକିଟି ଆଣି ନିଜ ଉପରେ ଲଦି ଦିଅନ୍ତି ।

ଖାଇବା ପିଇବାରେ ମଧ୍ୟ ସେଇ ଦଶା । କୌଣସି ମତେ ଲହୁଣୀଟିକିଏ ସଙ୍ଗେ ରୁଟି ଦିଖଣ୍ଡି ଖାଇ ଦେଇ ପେଟଟା ବଞ୍ଚେଇ ନେବା କଥା । ଏହାଫଳରେ ସମୟେ ସମୟେ ମୁଣ୍ଡ ବୁଲାଏ, ଶରୀର ଅବଶ ଲାଗେ; କିନ୍ତୁ ମନଭିତରେ ଯେ ଦୃଢ଼ପଣ । ପାଠ-ପଢ଼ାରେ ଟିକିଏ ହେଲେ ଅବହେଳା କେହି କେବେହେଲେ ଲକ୍ଷ୍ୟ କରି ନାହାଁନ୍ତି । ବ୍ରୁନିଆ ଓ ତାଙ୍କ ସ୍ୱାମୀ ଏକଥା ଜାଣିପାରି ଥରେ ମାନିଆଙ୍କ ପାଖରେ ଯାଇ ପହଞ୍ଚିଲେ; ମାତ୍ର ତାଙ୍କଠାରୁ ଅସୁବିଧା କଥା କିଛି ଶୁଣିଲେ ନାହିଁ । ତଥାପି କିଛିଦିନ ପାଇଁ ମାନିଆଙ୍କୁ ଘରକୁ ନେଇ ଆସିଲେ । ସେ ସେଠାରେ ବେଶିଦିନ ରହିବାକୁ ରାଜିହେଲେ ନାହିଁ । ପୁଣି ସେଇଠାକୁ ଫେରିଗଲେ ।

ପରିଶ୍ରମର ଫଳ ନିଶ୍ଚୟ ମିଳେ । ୧୮୯୩ ମସିହା । ସେତେବେଳକୁ ତାଙ୍କର ବୟସ ଛବିଶି ବର୍ଷ । ସରବୋନ ବିଶ୍ୱ-ବିଦ୍ୟାଳୟର ଏମ୍. ଏସ୍. ସି. ପରୀକ୍ଷାଫଳ ବାହାରିଲା । ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ନାମଥିଲା—ମ୍ୟାରି ସକ୍ଲଦ-ଭସ୍କାଙ୍କର । ପୁଣି ତା ଆରବର୍ଷ ଅଙ୍କଶାସ୍ତ୍ରରେ ସେ ଏମ. ଏସ୍. ସି. ପାସ୍‌କଲେ । ସେତେବେଳେ ପୋଲାଣ୍ଡ ସରକାର ତାଙ୍କ ଦେଶରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୋଟିଏ ବୃତ୍ତି ଦେଉଥାନ୍ତି । ଏ ବୃତ୍ତିଟି ମ୍ୟାରୀ

ସକ୍‌ଲଦଭସ୍ଥା ପାଇଲେ । ଉକ୍ତବୃତ୍ତିଟି ପାଇ ଟଙ୍କାକୁ ସେ ଗବେଷଣା କାର୍ଯ୍ୟରେ ଲଗାଇଲେ ।

କିନ୍ତୁ ଉକ୍ତ ବୃତ୍ତିଟିକୁ ସେ ଦାନରୂପେ ଗ୍ରହଣ କରି ନଥିଲେ । ଯେତେବେଳେ ଟଙ୍କା ପଇସା ରୋଜଗାର କଲେ, ଏ ବୃତ୍ତିବାବଦର ଅର୍ଥ ସେ ପୁଣି ସରକାରଙ୍କୁ ଫେରାଇ ଦେଇଥିଲେ । ସେ ମନେକଲେ ଏ ଟଙ୍କା ଗରିବଛାତ୍ରଙ୍କ ଉଦ୍ଦେଶ୍ୟରେ ରଖାଯାଇଛି; ତେଣୁ ସେ ଟଙ୍କାକୁ ନିଜର କରି ରଖିବା ଉଚିତ ନୁହେଁ । କେତେଜଣ ଆଉ ଗରିବ ଛାତ୍ର ଏଦ୍ୱାରା ଉପକୃତ ହୋଇପାରିବେ ବୋଲି ମନେକରି ସେ ଯେତେବେଳେ ଏ ଅର୍ଥ ଫେରାଇ ଦେଲେ, ସେତେବେଳେ କର୍ମକର୍ତ୍ତାମାନେ ବଡ଼ ଆଶ୍ଚର୍ଯ୍ୟ ହେଲେ ।

---

## ପେୟର କ୍ୟୁରୀ

ସେତେବେଳେ ଫ୍ରାନ୍‌ସଦେଶରେ ପେୟର କ୍ୟୁରୀଙ୍କ ନାମ ବଡ଼ ବଡ଼ ଲୋକଙ୍କ ମହଲରେ ବେଶି ଜଣାଶୁଣା ଥିଏ । ବିଜ୍ଞାନ କ୍ରମେ କ୍ରମେ ଯେପରି ଅଗ୍ରଗତି କରୁଅଛି, ବୈଜ୍ଞାନିକମାନଙ୍କ ଆଦର ସେହିପରି ବଢ଼ିବାରେ ଲାଗିଛି । ଆଗେ ବୈଜ୍ଞାନିକ ତଥ୍ୟ ଉଦ୍ଭାବିତ ହୋଇଥିଲି; କିନ୍ତୁ ଆଜିକାଲି ପୃଥିବୀ ବିଜ୍ଞାନ ଦିଗରେ ଯେତେ ଆଗେଇଛି, ଅନ୍ୟ କୌଣସି ସମୟରେ ଏତେଦୂର ଆଗେଇ ନଥିଲା ।

ପେୟର କ୍ୟୁରୀ ଜଣେ ଅସାଧାରଣ ବୁଦ୍ଧି ସମ୍ପନ୍ନ ଲୋକ ଥିଲେ । ସେ ପିଲାଦିନରେ ସ୍କୁଲରେ ପାଠ ପଢ଼ି ନ ଥିଲେ, ଘରୋଇ ଭାବରେ ବିଦ୍ୟା ଅର୍ଜ୍ଜନ କରିଥିଲେ । ତାଙ୍କ ପିତା ମଧ୍ୟ ଜଣେ ପଣ୍ଡିତ ଲୋକ ଥିଲେ । ସେ ପେୟରଙ୍କୁ ପାଖେ ପାଖେ ରଖି ପୁଅର ପାଠପଢ଼ା ଦେଖୁଥିଲେ । ପିଲାଦିନରୁ ତାଙ୍କ ପିତା ପେୟରଙ୍କର

ବୁଦ୍ଧିର ପରିଚୟ ପାଇଥିଲେ । ପେ୍ୟରଙ୍କର ଯେଉଁ ବିଷୟରେ ବିଶେଷ ଆଗ୍ରହ ଥିଲା, ସେହି ବିଷୟରେ ତାଙ୍କୁ ଶିକ୍ଷା ଦେଉଥିଲେ । ଯେତେବେଳେ ପେ୍ୟର ବି. ଏସ୍. ସି. ପାସ କରନ୍ତି, ସେତେବେଳେ ତାଙ୍କର ବୟସ ମୋଟେ ଷୋଳବର୍ଷ । ଏତେ କମ୍ ବୟସରେ ବିଜ୍ଞାନ ପରି ବିଷୟରେ ଏପରି କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କର ନାଁ ଗୁଣି ମହଲରେ ବ୍ୟାପୀ ଯାଇଥିଲା । ଏହାର ଦୁଇବର୍ଷପରେ ପୁଣି ସେ ଏମ୍. ଏସ୍. ସି. ପାସ୍ କରିଥିଲେ ।

ପାଠପଢ଼ା ଶେଷକରି ସେ ବିଜ୍ଞାନ ଗବେଷଣାରେ ଲାଗି-ପଡ଼ିଲେ । ସରବନ୍ ବିଶ୍ୱବିଦ୍ୟାଳୟରେ ସେ ଏହି କାର୍ଯ୍ୟରେ ନିଯୁକ୍ତ ଥିଲେ । ତାପରେ ପ୍ୟାରିସ୍‌ର ଏକ କଲେଜରେ ବିଜ୍ଞାନ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ । ବିଶ୍ରାମ ସମୟପର୍ଯ୍ୟନ୍ତ ସବୁବେଳେ ସେ ବିଜ୍ଞାନ ଗବେଷଣା କାର୍ଯ୍ୟରେ ଲାଗିରହିଲେ । କିଛିଦିନ ପରେ ସେ ବିଜ୍ଞାନବିଷୟରେ ଗୋଟିଏ ତତ୍ତ୍ୱ ଆବିଷ୍କାର କରିଥିଲେ । ଏତେ ଉଚ୍ଚ ସମ୍ମାନ ଲାଭ କରିଥିଲେ ମଧ୍ୟ ତାଙ୍କର ଟଙ୍କା ପଇସା ସବୁବେଳେ ଅଭାବ ହେଉଥିଲା ।

ସେତେବେଳକୁ ପେ୍ୟରଙ୍କ ବୟସ ପଞ୍ଚତିରିଶିବର୍ଷ । ତାଙ୍କର ମାନିଆଙ୍କ ସହିତ ସାକ୍ଷାତ୍ ହେଲା । ଦୁହେଁ ବିଜ୍ଞାନ ଜଗତର ଗୋଟିଏ ଗୋଟିଏ ମଣି । ବିଜ୍ଞାନ ଶାସ୍ତ୍ରରେ ଦୁହେଁ ଖୁବ୍ ଧୁରନ୍ଧର । ମଣି କାଞ୍ଚନ ଯୋଗ ହେଲା ପରି ପେ୍ୟର ଓ ମାନିଆଙ୍କର ପ୍ରଥମ ସାକ୍ଷାତରେ ଦୁହେଁ ଦୁହିଁଙ୍କ ଆଡ଼କୁ ଆକୃଷ୍ଟ ହେଲେ । ଚର୍ଚ୍ଚକୁ ଯିବା ଓ ବେଶବାସ ସାଜସଜା ଭିତରେ ବିବାହ ହେବା କଥା ଦୁହେଁ ପସନ୍ଦ କଲେ ନାହିଁ । ସହର ଛାଡ଼ି ସେମାନେ ଦୂର ମଫସଲରେ ଯାଇ ପରିଣୟ ସୂତ୍ରରେ ଆବଦ୍ଧ ହେଲେ ।

# ଘର ସଂସାର

ଜୀବନର ବିବାହ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ୟେର ଓ ମ୍ୟାରି ଲାଗିଥିଲେ ଜୀବନ ଗଢ଼ିବାରେ । କେତେ ଦୁଃଖ କଷ୍ଟ, କେତେ ଚିନ୍ତା ଭିତରେ ଜୀବନ ଗଢ଼ିଲେ । ଏବେ ମ୍ୟାରିଙ୍କ ଜୀବନ ସହିତ ଆଜି ଗୋଟିଏ ଜୀବନର ଅବିଚ୍ଛେଦ ସମ୍ପର୍କ ବାନ୍ଧି ହୋଇ ଗଲା । ଦୁହେଁ ଗୋଟିଏ ପଥରେ ଯାତ୍ରାକଲେ । ବିବାହ ବେଳେ ସେ ଦୁହିଁଙ୍କର ମନର ମିଳନ ପାଖରେ ବାହ୍ୟ ଶୋଭାଯାତ୍ରା ସ୍ଥାନ ପାଇ ନ ଥିଲା । ଖ୍ରୀଷ୍ଟିୟାନମାନେ ବିବାହ ବେଳେ ଚର୍ଚ୍ଚକୁ ଯାନ୍ତି । କେତେ ଆଡ଼ମ୍ବର, ସାଜାସଜା ହୁଏ; କିନ୍ତୁ ସେ ସବୁକୁ କ୍ୟୁରି ଦମ୍ପତି ପସନ୍ଦ କରି ନଥିଲେ । ଦୁହେଁ ଦୁଇଖଣ୍ଡି ସାଇକେଲରେ ଚଢ଼ିଗଲେ ମଫସଲ ଅଞ୍ଚଳକୁ । ସେଠି ସରଳ ଗ୍ରାମବାସୀମାନେ ତାଙ୍କୁ ଆଦରରେ ଡାକି ନେଲେ । ସେଇ ସରଳତାରୁ ତାଙ୍କ ଘର ସଂସାର ଆରମ୍ଭ ହେଲା । ବିବାହ ପରେ ମ୍ୟାରିଙ୍କର ନାମ ହେଲା ମାଡ଼ାମ୍ କ୍ୟୁରି ।

ମ୍ୟାରିଙ୍କୁ ଘର ସଂସାର କରିବା ପାଇଁ କାହାଠାରୁ ଶିଖିବା ଦରକାର ପଡ଼ିଲା ନାହିଁ । ବାପା, ମା, ଭାଇ ଭଉଣୀମାନଙ୍କ ସଙ୍ଗରେ ଚଳି ସେ ସମସ୍ତ ଶିଖି ସାରିଥିଲେ । ପୁଣି ଜୀବନରେ କେତେକ ଦୁଃଖ କଷ୍ଟ ସହିବାକୁ ପଡ଼େ, ସେ ସବୁ ତାଙ୍କର ନିତିଦିନିଆ କଥା । ରନ୍ଧାବଢ଼ା କରିବା, ଗୃହର ଯତ୍ନ ନେବା ବିଷୟରେ ସେ ଘର ଧୁରନ୍ଧର ହୋଇଥିଲେ । ବିବାହର ଦୁଇବର୍ଷ ପରେ ତାଙ୍କର ଗୋଟିଏ କନ୍ୟା ଜାତ ହେଲା । ସେ ଝିଅଟିର ନାଁ ଦେଲେ 'ଇରିନ୍' ।

ସଂସାରୀ ହୋଇ ରୋଗ କାହାକୁ ଛାଡ଼ିଚି ? ସମସ୍ତେ ରୋଗ-ଠାରୁ ଦୂରରେ ରହିବାକୁ ସିନା ଚେଷ୍ଟା କରନ୍ତି; ରୋଗ କାହାକୁ

ଛାଡ଼ିବାକୁ ଇଚ୍ଛା କରେନି । ଖାଲି ସୁବିଧା ଉଣ୍ଡୁଥାଏ—ଟିକିଏ ଦୋଷ ପାଇଲେ ଆକ୍ରମଣ କରେ । ଇରିନ୍‌ର ଜନ୍ମ ପରେ ପରେ ମ୍ୟାରିଙ୍କ ସ୍ୱାସ୍ଥ୍ୟ ଆଉ ଭଲରହିଲା ନାହିଁ । ତାଙ୍କର ଦେହ କ୍ରମେକ୍ରମେ ଦୁର୍ବଳ ହୋଇ ଆସିଲା; ତେଣୁ ଡାକ୍ତରମାନେ କିଛିଦିନ କୌଣସି ସ୍ୱାସ୍ଥ୍ୟନିବାସରେ ରହିବାକୁ ପରାମର୍ଶ ଦେଲେ । ମାତ୍ର ମ୍ୟାରି କେତେବେଳେ ପ୍ରିୟ ସ୍ୱାମୀ ଓ ଅତି ଗେହ୍ଲା କନ୍ୟାଟିକୁ ଛାଡ଼ି ଯାଉଛନ୍ତି ? କିଛିଦିନ ଏହିପରି କଟିଗଲା । କ୍ରମେ ମ୍ୟାରି ଭଲ ହୋଇ ଆସିଲେ । କେତେକ ବର୍ଷ ପରେ ତାଙ୍କର ଆଉ ଗୋଟିଏ ଝିଅ ଜନ୍ମ ହୋଇଥିଲା । ସ୍ୱାମୀ ସ୍ତ୍ରୀ ଦୁହେଁ ଆନନ୍ଦରେ ବିଜ୍ଞାନ ଗବେଷଣା କାର୍ଯ୍ୟରେ ଲାଗି ରହିଲେ ।

---

## ରେଡ଼ିୟମ

ସ୍ୱାମୀ ସ୍ତ୍ରୀ ଦୁହେଁ ବିଜ୍ଞାନ କ୍ଷେତ୍ରରେ ଧୂରନ୍ଧର । ଦୁହେଁ ଲାଗି ପଡ଼ିଲେ ଗବେଷଣା କାର୍ଯ୍ୟରେ, ପଦାର୍ଥ ମଧ୍ୟରେ ଗୋଟିଏ ତେଜସ୍କ୍ରିୟ ଉପାଦାନ ବିଷୟରେ ସେମାନେ ଗବେଷଣାରେ ଲାଗିଲେ । ସେତେବେଳେ ଫ୍ରାନ୍‌ସରେ ଜଣେ ବଡ଼ ବୈଜ୍ଞାନିକ ଥାନ୍ତି । ସେ ଏ ବିଷୟରେ ଗବେଷଣା କରି ଗୋଟିଏ ଉପାଦେୟ ବହି ଲେଖିଥାନ୍ତି । ସେ ବହିଟି ମାଡ଼ାମ୍ କ୍ୟୁରି ପଢ଼ିବାକୁ ପାଇଲେ ; କିନ୍ତୁ ପଢ଼ିଲେ ତ ଖାଲି ଚଳିବ ନାହିଁ, ବିଜ୍ଞାନ ବିଷୟରେ ଗବେଷଣା କରିବାକୁ ହେଲେ ଉପଯୁକ୍ତ ବହିଗୁଡ଼ିକ ଛଡ଼ା ଗୋଟିଏ ଗବେଷଣାଗାର ବା ଲାବରେଟୋରି ବିଶେଷ ଦରକାର । ଗୋଟିଏ ପରୀକ୍ଷଣାଗାର ତିଆରି କରିବାପାଇଁ ଅଜସ୍ର ଧନ ନ ହେଲେ ହେବନାହିଁ । ସେଥିପାଇଁ ଗୋଟିଏ ବଡ଼ ଘର ମଧ୍ୟ ଦରକାର । ସେ ଦୁହେଁ ପରୀକ୍ଷଣାଗାରଟିଏ ତିଆରି କରିବା ଚେଷ୍ଟାରେ

ଲଗି ପଡ଼ିଲେ । ଅନେକ ଖୋଜ ଖୋଜ ଗୋଟିଏ ବଡ଼ ପକାଘରର ତଳମହଲରେ ଖଣ୍ଡିଏ ଛୋଟଘର ପାଇଲେ ।

ସେଇଠି ଆରମ୍ଭ ହେଲ ଗବେଷଣା କାର୍ଯ୍ୟ । ପ୍ରଥମେ 'ୟୁରେନୟୁମ' ବୋଲ ଗୋଟିଏ ଧାତୁ ଉପରେ ମାଡ଼ାମ୍ କ୍ୟୁରୀ ଗବେଷଣା ଚଳେଇଲେ । ଏହି ୟୁରେନୟୁମ ଧାତୁ ଗୋଟିଏ ମୂଲ୍ୟବାନ ଧାତୁ । ଏ ଧାତୁ ମଧ୍ୟରେ ଆହୁର କଛି ତେଜସ୍କ୍ରିୟ ଗୁଣ ଥାଇପାରେ ବୋଲି ବିଶ୍ୱାସ କର ସେ ଆଲୋଚନା କଲେ । ଅନେକ ଦିନ ଗବେଷଣା ପରେ ସେ ଧାତୁ ମଧ୍ୟରେ ଗୋଟିଏ ତେଜସ୍କ୍ରିୟ ଉପାଦାନ ପାଇଲେ । ସେ ପରୀକ୍ଷା କର ଜାଣିପାରିଲେ ଯେ, ତେଜସ୍କ୍ରିୟ ଉପାଦାନର ପରିମାଣ ମୂଳଧାତୁର ପରିମାଣ ଅପେକ୍ଷା ଯଥେଷ୍ଟ ବେଶି । ଏଥିରେ ତାଙ୍କର ସନ୍ଦେହ ହେଲ । ଏ ସନ୍ଦେହ ଦୂର କରିବାପାଇଁ ସେ ବାରମ୍ବାର ପରୀକ୍ଷା କରିବାକୁ ଲଗିଲେ; କିନ୍ତୁ ପ୍ରତ୍ୟେକ ପରୀକ୍ଷା ଶେଷରେ ସେହି ଏକ ସତ୍ୟରେ ପହଞ୍ଚିଲେ । ତଥାପି ସେ ଉପାଦାନଟି କ'ଣ ତାହା ଠିକ୍ କରିପାରିଲେ ନାହିଁ । ୧୮୯୬ ଖ୍ରୀଷ୍ଟାବ୍ଦରେ ବାକେରଲ ନାମରେ ଜଣେ ବଡ଼ ବୈଜ୍ଞାନିକ ଏ ସମ୍ବନ୍ଧରେ ଗବେଷଣା କରିଥିଲେ । ସେ ଯେଉଁ ଉଜ୍ଜ୍ୱଳ ଧାତୁଦ୍ରବ୍ୟର ସନ୍ଧାନ ପାଇଥିଲେ, ସେ ଧାତୁର ତାପ ନ ଥିଲ । ଏହି ସତ୍ୟ ଉପରେ ଗବେଷଣା କର କ୍ୟୁରୀ ଦମ୍ପତି ପ୍ରଥମେ 'ୟୁରେନୟୁମ' ଓ 'ପୋଲୋନୟୁମ'' ବୋଲି ଦୁଇଟି ଜିନଷ ଆବିଷ୍କାର କରିଥିଲେ । ପୋଲୋନୟୁମ ୟୁରେନୟୁମଠାରୁ ଆହୁରି ଶକ୍ତିଶାଳୀ ବୋଲି ସେମାନେ କହୁଥିଲେ ।

କ୍ୟୁରୀ ଏ ଜିନିଷଟି ଆବିଷ୍କାର କରି ସାରିବା ପରେ ତାର ନାଁ କ'ଣ ଦେବେ, ବିଚାର କରିବାକୁ ଲଗିଲେ । ମାଡ଼ାମ୍ କ୍ୟୁରୀଙ୍କ ମାତୃଭୂମି ପୋଲଣ୍ଡ ସେତେବେଳେ ମଧ୍ୟ ରୁଷିଆର ଅଧୀନରେ ।

ଏ ପରାଧୀନ ମାତୃଭୂମିର ନାମ ଅନୁସାରେ ସେ ଏ ଜିନଷଟିର ନାମ ଦେଲେ, 'ପୋଲୋନିୟମ' । ପୁଣି ସେହି ଗୋଟିଏ ଜିନଷ ଉପରେ ସେ ଗବେଷଣା କରିବାକୁ ଲାଗିଲେ । ପୋଲୋନିୟମ ଆବିଷ୍କାର କରିବାର ପାଞ୍ଚମାସ ପରେ ସେ ଆଉ ଗୋଟିଏ ଜିନଷ ଆବିଷ୍କାର କଲେ । ଏ ଦ୍ୱିତୀୟଟିର ନାମ ଦେଲେ 'ରେଡ଼ିୟମ' ।

ଏ ରେଡ଼ିୟମ ବାହାର କରି ଜଗତରେ ଦେଖେଇ ଦେବା କିଛି ସହଜ ନୁହେଁ । 'ପିଚବ୍ଲେଣ୍ଡ'' ବୋଲି ଗୋଟିଏ ଧାତୁ । ସେହି ଧାତୁରୁ ସେମାନେ ପ୍ରଥମେ ପୋଲୋନିୟମ ବାହାର କଲେ; କିନ୍ତୁ ରେଡ଼ିୟମ ବାହାର କରିବା ଆହୁରି କଷ୍ଟର କଥା । ତାଳ ପରି ସାଧନା କଲେ ତିଳ ପରି ଟିକିଏ ରେଡ଼ିୟମ ପାଇବା କଥା । ଏ ସାଧନା କରିବାକୁ ସେ ଦୁହେଁ ପଛଉ ନ ଥିଲେ; କିନ୍ତୁ ସେଥିପାଇଁ ଅଜସ୍ର ଧନ ଦରକାର । ବଡ଼ ଗବେଷଣାଗାର ଆବଶ୍ୟକ । ଏମାନେ ତ ଏଡ଼େ ବଡ଼ ଧନୀ ନୁହନ୍ତି । ଏ ସବୁ ପାଇବେ କିପରି ? ଫରାସୀ ସରକାର ଏତେ ଧନ ବ୍ୟୟ କରିବାକୁ ପ୍ରସ୍ତୁତ ହେଲେ ନାହିଁ ।

ଭଗବାନ ପରିଶ୍ରମୀକୁ ପରିଶ୍ରମ କରିବାପାଇଁ କ୍ଷେତ୍ର ଜୁଟେଇ ଦିଅନ୍ତି । ସେତେବେଳେ କ୍ୟୁରୀଙ୍କ ନାଁ ସମଗ୍ର ଇଉରୋପ ମହାଦେଶରେ ବ୍ୟାପି ଯାଇଥିଲା । ସେମାନେ ଏଡ଼େବଡ଼ ଗବେଷଣା କାର୍ଯ୍ୟରେ ଲାଗିଛନ୍ତି ବୋଲି ଜାଣି ଅଷ୍ଟ୍ରିଆ ଦେଶର ସରକାର ତାଙ୍କୁ ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ହେଲେ । ପିଚବ୍ଲେଣ୍ଡ ଧାତୁ ଅଷ୍ଟ୍ରିଆର ସରକାରୀ କାରଖାନାରେ ଯଥେଷ୍ଟ ଥିଲା । ସେଥିରୁ ସେମାନେ ମୂଲ୍ୟବାନ ୟୁରେନିୟମ ଧାତୁ ବାହାର କରି ନେଇଥିଲେ । ଏହି ପିଚବ୍ଲେଣ୍ଡ ଧାତୁତକ କ୍ୟୁରୀ ଦମ୍ପତିଙ୍କୁ ଅଷ୍ଟ୍ରିଆ ସରକାର ଉପହାର ଦେବେ ବୋଲି ଜଣାଇ ଦେଲେ । କ୍ୟୁରୀ ଦମ୍ପତି ଏହି ସମ୍ବାଦରେ ଆନନ୍ଦରେ ଅଧୀର ହୋଇ ପଡ଼ିଲେ ।

ସବୁ ଅଭାବଗୁଡ଼ିକ ତାଙ୍କ ପାଖରେ ଥିଲା; କିନ୍ତୁ ଭଗବାନ ଗୋଟି ଗୋଟି କରି ଏ ଦମ୍ପତିର ଅଭାବ ପୂରଣ କରିବାପାଇଁ ସୁବିଧା ଦେଲେ । କାର୍ଯ୍ୟ କରିବା ପାଇଁ ଆଠ ଟନ୍ ଲୁହା ତରଳାଇବାକୁ ପଡ଼ିଲା । ଖରା ବର୍ଷା ଶୀତ କାଳ କିଛି ଖାତିର ନ କରି ସ୍ୱାମୀ ସ୍ତ୍ରୀ ଦୁହେଁ ତପସ୍ୱୀ ପରି ସାଧନାରେ ଲାଗି ପଡ଼ିଲେ । ଚାରିବର୍ଷର ସାଧନା ଶେଷରେ ରେଡ଼ିୟମ୍ ତାଙ୍କର ହସ୍ତଗତ ହେଲା ।

'ରେଡ଼ିୟମ'ର ତଥ୍ୟ ଆବିଷ୍କାର ବେଳେ ଅନେକ ବୈଜ୍ଞାନିକ ଏଥିରେ ବିଶ୍ୱାସ କରୁ ନ ଥିଲେ । ଏହିପରି ଗୋଟିଏ ସତ୍ୟ ବାହାରିଲେ ଅନେକ ବୈଜ୍ଞାନିକ ତଥ୍ୟକୁ ମଧ୍ୟ ବଦଳାଇବାକୁ ପଡ଼ିବ । ତେଣୁ ବୈଜ୍ଞାନିକମାନେ ଏ ତଥ୍ୟକୁ ମାନିବାକୁ ରାଜି ହେଉ ନ ଥିଲେ । ମାତ୍ର ଏବେ 'ରେଡ଼ିୟମ' ବାହାରିଲା । ଆଖି ଆଗରେ ରେଡ଼ିୟମର କ୍ରିୟାକଳାପ ଦେଖି ସମସ୍ତେ ମାନିବାପାଇଁ ବାଧ୍ୟ ହେଲେ ।

---

## ଅମୂଲ୍ୟ ଦାନ

କେତେ କୋଟିପତି ଆସି କ୍ୟୁରିଦମ୍ପତିଙ୍କ ପାଖରେ ପହଞ୍ଚିଲେ । ସେମାନେ ଚାହିଁଥିଲେ, ଅଳ୍ପଦିନ ମଧ୍ୟରେ କୋଟିପତି ହୋଇ ପାରିଥାନ୍ତେ । ରେଡ଼ିୟମ ତିଆରି କୌଶଳ କାହାକୁ ଜଣା ନଥିଲା; କିନ୍ତୁ ରେଡ଼ିୟମ ତିଆରି କାରଖାନା ତିଆରି କରିବା ପାଇଁ କୋଟିପତିମାନେ ପ୍ରସ୍ତୁତ ହେଉଥିଲେ । କ୍ୟୁରି ଦମ୍ପତି ଚାହିଁଥିଲେ ରେଡ଼ିୟମକୁ ନିଜର କରି ରଖି ପାରିଥାନ୍ତେ ଓ ସେଥିରୁ କୋଟି କୋଟି ଟଙ୍କା ଉପାର୍ଜନ କରିପାରିଥାନ୍ତେ । ସେମାନେ ବଡ଼ ଉଦାର-ମନା ଥିଲେ । ବିଶ୍ୱଜନ-କଲ୍ୟାଣ ତାଙ୍କ ସାଧନାର ଉଦ୍ଦେଶ୍ୟ ଥିଲା । ତେଣୁ ଏ ତଥ୍ୟକୁ ସେମାନେ ନିଜର କରି ନ ରଖି ସମଗ୍ର ପୃଥିବୀର

କଲ୍ୟାଣ ନିମିତ୍ତ ପ୍ରକାଶ କରିଦେଲେ । ପ୍ରକାଶ କରିଦେବା ସଙ୍ଗେ ସଙ୍ଗେ ଜଗତର ବିଭିନ୍ନ ସ୍ଥାନରୁ ସେ ଉଚ୍ଚସମ୍ମାନ ପାଇବାକୁ ଲାଗିଲେ । ପୃଥିବୀ ଇତିହାସରେ ଏପରି ଅମୂଲ୍ୟ ଦାନର ଉଦାହରଣ କ୍ୱଚିତ ଦେଖିବାକୁ ମିଳେ ।

ସେହି ରେଡ଼ିୟମ ଉପରେ ସେମାନେ ପୁଣି ଗବେଷଣା ଚଳାଇବାକୁ ଲାଗିଲେ । ପ୍ୟାରିସ୍ ବିଶ୍ୱବିଦ୍ୟାଳୟ ପେୟରି କ୍ୟୁରୀଙ୍କୁ ପ୍ରଧାନ ଅଧ୍ୟାପକ ଭାବରେ ନିଯୁକ୍ତ କଲେ ଓ ତାଙ୍କ ପାଇଁ ସରକାରୀ ଖର୍ଚ୍ଚରେ ଗୋଟିଏ ଗବେଷଣାଗାର ତିଆରି କରିଦେଲେ । ଏହି ଗବେଷଣାଗାରରେ ମ୍ୟାରୀ କ୍ୟୁରୀ ମଧ୍ୟ ଜଣେ ଅଧ୍ୟାପିକା ରୂପେ ରହିଲେ । ଦୁହେଁ ଏକାଠି ଏପରି କାର୍ଯ୍ୟ ପାଇବା ଫଳରେ ଗବେଷଣା କାର୍ଯ୍ୟ ଚଳାଇବାକୁ ସୁବିଧା ହେଲା ।

ସେମାନେ ଜୀବନର ଅଧିକାଂଶ ସମୟ ଦରିଦ୍ରଭାବରେ କଟାଇଥିଲେ । ସରଳତା ସେମାନଙ୍କ ଜୀବନର ଆଦର୍ଶ ଥିଲା । ଧନର ମୋହ ତାଙ୍କୁ କେବେହେଲେ ଭୁଲାଇ ପାରି ନ ଥିଲା । ସାଧନାହିଁ ଜୀବନରେ ଆନନ୍ଦ ଆଣି ଦିଏ । ରେଡ଼ିୟମ ଆବିଷ୍କାର କରି ସେ ସମ୍ମାନର ଅଧିକାରୀ ହେଲେ । ତା ଠାରୁ ବଳି ସେ ସମ୍ମାନିତ ହେଲେ ଯେ ସେ ଯେତେବେଳେ ଏ ରେଡ଼ିୟମକୁ ପୃଥିବୀର ଜନକଲ୍ୟାଣ ନିମିତ୍ତ ଅକୁଣ୍ଠିତ ଚିତ୍ତରେ ଦାନ କରିଦେଲେ ।

---

## ନୋବେଲ ପୁରସ୍କାର

ନୋବେଲ ପୁରସ୍କାର କଥା କିଏ ନ ଜାଣେ ? ସମଗ୍ର ପୃଥିବୀରେ ଖ୍ୟାତି ପାଇଥିବା ଜଣେ ଜଣେ ବଡ଼ଲୋକଙ୍କୁ ଏ ପୁରସ୍କାର ମିଳେ । ଏ ପୁରସ୍କାର ଫଳରେ ମାନ ସମ୍ମାନ ଯେପରି

ବଡ଼େ, ଧନ ଦୌଲତ ମଧ୍ୟ ସେପରି ବଡ଼େ; କିନ୍ତୁ ଯେଉଁମାନେ ଏକ ଏକ ବିଶେଷ ବିଷୟର ଗବେଷଣାରେ ଜୀବନପଣ କରିପାରନ୍ତି, ତା'ଙ୍କୁ ଟଙ୍କା ପଇସା ଧନ ଦଉଲତ ବଡ଼ ଦିଶେ ନାହିଁ । ତାଙ୍କୁ ବଡ଼ ଦିଶେ ମାନ ସମ୍ମାନ ।

ସୁଇଡ଼େନ ଦେଶର ଆଲଫ୍ରେଡ଼ ନୋବେଲ ଯେତେଗୁଡ଼ିଏ ବୈଜ୍ଞାନିକ ଆବିଷ୍କାର କରିଗଲେ ତା'ଫଳରେ ସେ ଜଣେ ପୃଥିବୀର ବଡ଼ ଧନୀ ହୋଇ ବସିଲେ । ଅକଳନ୍ତ ସମ୍ପତ୍ତିର ମାଲିକ ହେଲେ ସିନା ତାଙ୍କୁ ଧନ ବଡ଼ ଦିଶିଲା ନାହିଁ । ସେ ସେ ଧନକୁ ଗୋଟିଏ ସମିତି ହାତରେ ଅର୍ପଣ କରି ଦେଇଗଲେ । ପୃଥିବୀର ପ୍ରତିବର୍ଷ ଯେଉଁମାନେ ବଡ଼ ବୈଜ୍ଞାନିକ, ସାହିତ୍ୟିକ ଓ ଶାନ୍ତିସ୍ଥାପକ ବୋଲି ବିବେଚିତ ହେବେ ସେଇମାନଙ୍କୁ ଏ ଧନର ସୁଧଟି ବାଣ୍ଟି ଦିଆଯିବ ।

୧୯୦୩ ମସିହା । ସେଇବର୍ଷ ନୋବେଲ ପୁରସ୍କାର ସମିତି ବିଶିଷ୍ଟ ବୈଜ୍ଞାନିକ ହିସାବରେ ଦୁଇଜଣଙ୍କୁ ବାଛିଲେ । ଫ୍ରାନ୍‌ସର ଜଣେ ବୈଜ୍ଞାନିକ ହେନେରି ବେକରେଲ୍ ସେ ଟଙ୍କାରୁ ଅଧେ ପାଇଲେ । ଆଉ ଅଧେ ଏହି ରେଡ଼ିୟମ ଆବିଷ୍କର୍ତ୍ତା କ୍ୟୁରିଦମ୍ପତିଙ୍କୁ ମିଳିଲା । ଏହାଦ୍ୱାରା ତାଙ୍କର ଦରିଦ୍ରତା ଅନେକ ପରିମାଣରେ ଘୁଞ୍ଚିଲା । ସେହି ବର୍ଷ ପୁଣି ରୟାଲ ସୋସାଇଟି ତରଫରୁ ତାଙ୍କୁ ଡାଭି ମେଡ଼ାଲ ମିଳିଥିଲା ।

ସୋରବର୍ଣ୍ଣ ବିଶ୍ୱବିଦ୍ୟାଳୟ କ୍ୟୁରି ଦମ୍ପତିଙ୍କର ବିଜ୍ଞାନରେ ଦକ୍ଷତା ଦେଖି, ନିଜ ବିଶ୍ୱବିଦ୍ୟାଳୟରେ ଗୋଟିଏ ଅଲଗା ବିଭାଗ ଖୋଲି ସେଥିରେ ପ୍ରଧାନାଧ୍ୟକ୍ଷ ଭାବରେ ପେୟର କ୍ୟୁରିଙ୍କୁ ନିଯୁକ୍ତ କଲେ । ସେ ବିଜ୍ଞାନ ବିଭାଗର ଗୋଟିଏ ଲାବରେଟୋରି ରହିଲା । ଏ ଲାବରେଟୋରିରେ ମ୍ୟାରି କ୍ୟୁରି ସ୍ୱାମୀଙ୍କର ପ୍ରଧାନ ସାହାଯ୍ୟକାରିଣୀ ଭାବରେ ରହିଲେ ।

ଏହା ତିନିବର୍ଷ ପରର କଥା । ଦିନେ ପେୟାରକ୍ୟୁରୀ ଗୋଟିଏ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁମୁଖରେ ପତିତ ହେଲେ । ଏ ଦୁଃଖ ମ୍ୟାରୀଙ୍କ ଜୀବନକୁ ବଡ଼ ବାଧିଲା । ସେ ଜୀବନର ସଙ୍ଗୀଙ୍କୁ ହରାଇ କଣ କରିବେ କିଛି ଠିକ୍ କରିପାରିଲେ ନାହିଁ । ଯେତେ ଯେଉଁଠୁ ଆଶ୍ୱାସନା, ସହାନୁଭୂତି ବାଣୀ ଶୁଣିଲେ ସୁଦ୍ଧା ମନର ଦୁଃଖ ଗଲା ନାହିଁ । ଯେତେବେଳେ ସେ ସେହି ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ଆତ୍ମନିୟୋଗ କଲେ ତାଙ୍କୁ ଆଉ ଦୁଃଶ୍ଚିନ୍ତା କରିବାର ଅବସର ମିଳିଲା ନାହିଁ ।

ଏହା ପରେ ପୁଣି ସେ ନୋବେଲ ପ୍ରାଇଜ ପାଇଲେ । ସେତେବେଳକୁ ୧୯୧୧ ମସିହା । ସୋରବର୍ଣ୍ଣ ବିଶ୍ୱବିଦ୍ୟାଳୟ ତାଙ୍କର ପାଇଁ ଗୋଟିଏ ରେଡ଼ିୟମ ଗବେଷଣାଗାର ତିଆରି କରିଦେଲେ । ଏହାର କେତେ ବର୍ଷ ପରେ ସେ ନିଜେ ନିଜ ରେଡ଼ିୟମ୍ ଗବେଷଣାଗାର ତିଆରି କଲେ ।

## ଜନସେବା ବ୍ରତ

ବାଲ୍ୟକାଳରୁ ମ୍ୟାରୀ ସେବା କାର୍ଯ୍ୟକୁ ବିଶେଷ ପସନ୍ଦ କରୁଥିଲେ । ସେଥିପାଇଁ ଯେତେ ଦୁଃଖ କଷ୍ଟ ପଡ଼ୁ ପଛକେ ସେ ନିଜର ଦୁଃଖକୁ ଦୁଃଖ ବୋଲି ମଣୁ ନ ଥିଲେ । ଜଗତର ମଙ୍ଗଳ ଲାଗି ସେ ରେଡ଼ିୟମ୍ ପରି ମହାମୂଲ୍ୟବାନ ପଦାର୍ଥର ବୈଜ୍ଞାନିକ କୌଶଳ ଜଗତ ଆଗରେ ପ୍ରକାଶ କରିଦେଲେ । ଯାହାଦ୍ୱାରା ଲକ୍ଷ ଲକ୍ଷ ମହାପ୍ରାଣୀ କର୍କଟ ପରି ମହାରୋଗରୁ ରକ୍ଷା ପାଇପାରିବେ ସେପରି ଏକ ମହୌଷଧି ଆବିଷ୍କାର କରି ତାହା ପ୍ରକାଶ କରିବା ଦ୍ୱାରା ଯେଉଁ ନିଃସ୍ୱାର୍ଥପରତାର ଉଦାହରଣ ସେ ଦେଖାଇଗଲେ, ତାହା ପୃଥିବୀର ଇତିହାସରେ ବିରଳ ।

ଏହା ତିନିବର୍ଷ ପରର କଥା । ହଠାତ୍ ପେୟରକ୍ୟୁରୀ ଗୋଟିଏ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁମୁଖରେ ପତିତ ହେଲେ । ଏ ଦୁଃଖ ମ୍ୟାରୀଙ୍କ ଜୀବନକୁ ବଡ଼ ବାଧିଲା । ସେ ଜୀବନର ସଙ୍ଗୀଙ୍କୁ ହରାଇ କଣ କରିବେ କିଛି ଠିକ୍ କରିପାରିଲେ ନାହିଁ । ଯେତେ ଯେଉଁଠି ଆଶ୍ୱାସନା, ସହାନୁଭୂତି ବାଣୀ ଶୁଣିଲେ ସୁଦ୍ଧା ମନର ଦୁଃଖ ଗଲା ନାହିଁ । ଯେତେବେଳେ ସେ ସେହି ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ଆତ୍ମନିୟୋଗ କଲେ ତାଙ୍କୁ ଆଉ ଦୁଃଶ୍ଚିନ୍ତା କରିବାର ଅବସର ମିଳିଲା ନାହିଁ ।

ଏହା ପରେ ପୁଣି ସେ ନୋବେଲ ପ୍ରାଇଜ ପାଇଲେ । ସେତେବେଳକୁ ୧୯୧୧ ମସିହା । ସୋରବର୍ଣ୍ଣ ବିଶ୍ୱବିଦ୍ୟାଳୟ ତାଙ୍କର ପାଇଁ ଗୋଟିଏ ରେଡ଼ିୟମ ଗବେଷଣାଗାର ତିଆରି କରିଦେଲେ । ଏହାର କେତେ ବର୍ଷ ପରେ ସେ ନିଜେ ନିଜ ରେଡ଼ିୟମ୍ ଗବେଷଣାଗାର ତିଆରି କଲେ ।

## ଜନସେବା ବ୍ରତ

ବାଲ୍ୟକାଳରୁ ମ୍ୟାରୀ ସେବା କାର୍ଯ୍ୟକୁ ବିଶେଷ ପସନ୍ଦ କରୁଥିଲେ । ସେଥିପାଇଁ ଯେତେ ଦୁଃଖ କଷ୍ଟ ପଡ଼ି ପଛକେ ସେ ନିଜର ଦୁଃଖକୁ ଦୁଃଖ ବୋଲି ମଣୁ ନ ଥିଲେ । ଜଗତର ମଙ୍ଗଳ ଲାଗି ସେ ରେଡ଼ିୟମ୍ ପରି ମହାମୂଲ୍ୟବାନ ପଦାର୍ଥର ବୈଜ୍ଞାନିକ କୌଶଳ ଜଗତ ଆଗରେ ପ୍ରକାଶ କରିଦେଲେ । ଯାହାଦ୍ୱାରା ଲକ୍ଷ ଲକ୍ଷ ମହାପ୍ରାଣୀ କର୍କଟ ପରି ମହାରୋଗରୁ ରକ୍ଷା ପାଇପାରିବେ ସେପରି ଏକ ମହୌଷଧି ଆବିଷ୍କାର କରି ତାହା ପ୍ରକାଶ କରିବା ଦ୍ୱାରା ଯେଉଁ ନିଃସ୍ୱାର୍ଥପରତାର ଉଦାହରଣ ସେ ଦେଖାଇଗଲେ, ତାହା ପୃଥିବୀର ଇତିହାସରେ ବିରଳ ।

ପ୍ରଥମ ପୃଥିବୀ ମହାସମର ୧୯୧୪ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହେଲା । ଯୁଦ୍ଧ କ୍ଷେତ୍ରରେ ଶତ ଶତ ରୋଗୀ ଆସନ୍ନ ମୃତ୍ୟୁ ମୁଖରେ ପତିତ ହେଲେ । ସେତିକିବେଳେ ଯୁଦ୍ଧାହତ ରୋଗୀମାନଙ୍କୁ ଚିକିତ୍ସା କରିବା ପାଇଁ ଯେଉଁ ଡାକ୍ତରଖାନାମାନ ଖୋଲାଗଲା, ସେଠାରେ କ୍ୟୁରି ରେଡ଼ିୟମ ଚିକିତ୍ସା କରିବାରେ ଲାଗିପଡ଼ିଲେ । ସେ ସମୟରେ ସେ ସମ୍ମୁଖ ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ଅଗ୍ରସର ହେଉଥିଲେ । ଇଂରେଜମାନଙ୍କ ପକ୍ଷରୁ ତାଙ୍କୁ ଗୋଟିଏ ମୋଟର ମିଳିଥାଏ । ସେ ମୋଟରରେ ବସି ରୋଗୀମାନଙ୍କୁ ସେବାଶୁଶ୍ରୂଷା କରିବା ନିମନ୍ତେ ସମ୍ମୁଖ ରଣକ୍ଷେତ୍ର ପାଖରେ ପହଞ୍ଚୁଥିଲେ । ଯୁଦ୍ଧ ସରିବା ପରେ ୧୯୨୧ ମସିହାରେ ଆମେରିକା ଯୁକ୍ତରାଷ୍ଟ୍ର ସରକାର ତାଙ୍କୁ ବିଶେଷ ସମ୍ମାନ ଦେଖାଇଥିଲେ ଓ ଯୁକ୍ତରାଷ୍ଟ୍ରର ସଭାପତି ହାର୍ଡିଙ୍ଗ ତାଙ୍କୁ ଏକ ଗ୍ରାମ ରେଡ଼ିୟମ ଉପହାର ଦେଇଥିଲେ । ୧୯୨୧ ଖ୍ରୀଷ୍ଟାବ୍ଦରେ ଆମେରିକାର ସ୍ତ୍ରୀଲୋକମାନେ ତାଙ୍କ କାର୍ଯ୍ୟର ପ୍ରଶଂସା କରି ଆଉ ଗୋଟିଏ ଉପହାର ଦେଇଥିଲେ ।

୧୯୨୩ ଖ୍ରୀଷ୍ଟାବ୍ଦରେ 'କ୍ୟୁରି ଫାଉଣ୍ଡେସନସ୍' ବୋଲି ଗୋଟିଏ ରେଡ଼ିୟମ ପ୍ରତିଷ୍ଠାନ ତିଆରି ହେଲା । ଫରାସୀ ସରକାର କ୍ୟୁରିଙ୍କ ପାଇଁ ୪୦ଲକ୍ଷ ହଜାର ଫ୍ରାଙ୍କ୍‌ର ଗୋଟିଏ ପେନ୍‌ସନ ବ୍ୟବସ୍ଥା କରିଦେଲେ ।

---

## ଶେଷ ଜୀବନ

କର୍ମମୟ ଜୀବନ ଭିତରେ ଗତିକଲା ବେଳେ ସେ ସାଂସାରିକ କର୍ତ୍ତବ୍ୟ କେବେହେଲେ ଭୁଲି ନ ଥିଲେ । ପିଲାମାନଙ୍କ ପ୍ରତି ସେ ସବୁବେଳେ ନଜର ଦେଉଥିଲେ । ପିଲାମାନଙ୍କ ଶିକ୍ଷାଦୀକ୍ଷା କଥା ନିଜେ ବୁଝୁଥିଲେ । ଜୀବନର ଅଧିକାଂଶ ସମୟ ଦୁଃଖ, ଦାରିଦ୍ର୍ୟ

ମଧ୍ୟ ହେଇ ଅପ୍ରୀତ ହୋଇଥିଲେ ହେଁ ସେ କେବେ ହେଲେ ହତାଶ ହେଉ ନ ଥିଲେ । ସରଳତା କ୍ୟୁରୀ ଦମ୍ପତିଙ୍କର ଜୀବନର ଆଦର୍ଶ ଥିଲା । ଜୀବନରେ କେବେହେଲେ ନିଜର ପ୍ରଶଂସା କରିବାପାଇଁ ସେମାନେ ପ୍ରୟାସୀ ନ ଥିଲେ । ଆଜିଯାଏଁ ପୃଥିବୀର କୌଣସି ମହିଳା ଦୁଇଥର ନୋବେଲ ପ୍ରାଇଜ ପାଇ ନାହାନ୍ତି; କିନ୍ତୁ ଏଥିପାଇଁ ତାଙ୍କଠାରେ ଲେଶମାତ୍ର ଗର୍ବ ନ ଥିଲା ।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ନାନାପ୍ରକାର ରୋଗ ତାଙ୍କୁ ଆକ୍ରମଣ କଲା । ଶତ ଶତ ମହୌଷଧିର ଆବିଷ୍କାରିଣୀ ଯେତେବେଳେ ରୋଗଗ୍ରସ୍ତା ହେଲେ ତାଙ୍କ ପାଖକୁ ମହାମହା ଚିକିତ୍ସକମାନେ ଦୌଡ଼ିଲେ; କିନ୍ତୁ ତାଙ୍କ ରୋଗ ପ୍ରଥମେ କେହି ଚିହ୍ନି ପାରିଲେ ନାହିଁ । ଜେନେଭାର ଜଣେ ବିଖ୍ୟାତ ଡାକ୍ତର ଶେଷରେ ତାଙ୍କର ରୋଗ ଚିହ୍ନିଲାବେଳକୁ ଆଉ ରୋଗ ଉପଶମ କରିବାର ବଳ ସେମାନଙ୍କ ପାଖରେ ନ ଥିଲା । ୧୯୩୪ ଜୁଲାଇ ଚ୍ଚରିତାରିଖ ଦିନ ହାଟଶୋଭିଆ ଚିକିତ୍ସାଳୟରେ ତାଙ୍କର ଶେଷ ନିଃଶ୍ୱାସ ବାହାରିଗଲା ।

ମାଡ଼ାମ୍ କ୍ୟୁରୀଙ୍କ କନ୍ୟା ଏହି ଗବେଷଣା କାର୍ଯ୍ୟରେ ତାଙ୍କ ସ୍ୱାମୀଙ୍କ ସହିତ ଲାଗିଥିଲେ । କ୍ୟୁରୀଙ୍କ ମୃତ୍ୟୁର ଏକବର୍ଷ ପରେ ୧୯୩୫ ମସିହାରେ ମାଡ଼ାମକ୍ୟୁରୀଙ୍କ କନ୍ୟା ଜୁଲିଏ ଓ ତାଙ୍କ ସ୍ୱାମୀ ରସାୟନ ବିଜ୍ଞାନରେ ନୋବେଲ ପ୍ରାଇଜ ପାଇଲେ । ମାଡ଼ାମକ୍ୟୁରୀ କନ୍ୟାଙ୍କର ଏ ଦକ୍ଷତା ଦେଖିବାର ସୁଯୋଗ ପାଇଲେ ନାହିଁ । ସେ ଯେଉଁ ବିଷୟରେ ଗବେଷଣା କରି ତଥ୍ୟ ପାଇଲେ, ତାହା-ଦ୍ୱାରା ରେଡ଼ିୟମ ସମ୍ବନ୍ଧରେ ଆହୁରି ବିଶେଷ ତଥ୍ୟ ଆବିଷ୍କୃତ ହେଲା ।

---

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ : ୨

